### ବିଜେପି ସରକାରଙ୍କ ନୂଆ ମନ୍ତ୍ରୀ

# ସୁରେଶଙ୍କୁ ସାନ୍ତ୍ୱନାମୂଳକ, ଜୟନାରାୟଣଙ୍କୁ ମିଳିଲାନି ଗୁରୁତ୍ୱ

**ସମ୍ବଲପୁର, ୧୨।୬(ସମିସ)**

ଓଡ଼ିଶାରେ ବିଜେପି ସରକାର ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଦୁଇଜଣ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତି ପରିଡ଼ା ଶପଥ ଗ୍ରହଣ କରିଛନ୍ତି। ନୂତନ ଭାବେ କ୍ୟାବିନେଟ ଓ ରାଜ୍ୟମନ୍ତ୍ରୀ ମଧ୍ୟ ଶପଥ ନେଇଥିଲେ। ସମ୍ବଲପୁର ଜିଲ୍ଲାରୁ କୁଚିଣ୍ଡା ବିଧାୟକ ରବି ନାଏକଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଦିଆଯାଇଛି। ହେଲେ ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ମୁଖ୍ୟମନ୍ତ୍ରୀ ହେବା ନେଇ ଜୋର ଚର୍ଚ୍ଚା ହୋଇଥିଲା। ତାଙ୍କୁ ଦିଲ୍ଲୀ ଡାକରା ହେବା ପରେ ବରିଷ୍ଠ ନେତାଙ୍କ ସହିତ ବାରମ୍ବାର ବୈଠକ କରିଥିଲେ। ମୁଖ୍ୟମନ୍ତ୍ରୀ ଏକ ପ୍ରକାର ଚୁଡ଼ାନ୍ତ, କେବଳ ଉପଚାରିକ ଭାବେ ଘୋଷଣା ବାକି ଥିବା ନେଇ କର୍ମୀ, ସମର୍ଥକ ସହିତ ଗଣମାଧ୍ୟମରେ ସିରୋନାମା ହୋଇଥିଲା। ବରଗଡ଼ ଓ ସମ୍ବଲପୁରରେ ଉତ୍ସାହ ମନାଇ ଦେଇଥିଲେ। ହେଲେ ଶେଷ ମୂହୁର୍ତ୍ତରେ ସବୁ ଓଲଟ ପାଲଟ ହୋଇ ପରିବର୍ତ୍ତନ ହୋଇଗଲା। ଯାହାକୁ ନେଇ ସମ୍ବଲପୁରରେ ଆଲୋଚନା ହେଉଛି। ସମ୍ବଲପୁରରେ ସମର୍ଥକଙ୍କ କ୍ଷୋଭ ଓ ସମର୍ଥକଙ୍କୁ ଶାନ୍ତ କରିବା ପାଇଁ ସାନ୍ତ୍ୱନାମୂଳକ ପୁରସ୍କାର ଭଳିଆ ମନ୍ତ୍ରୀ ପଦ ଦେଇଥିବା ଲୋକେ କହୁଛନ୍ତି। ଅନ୍ୟପଟେ ସମ୍ବଲପୁର ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କୁ ବିଜେପି ଆଉ ଗୁରୁତ୍ୱ ଦେଇ ନ୍ ଥିବା ଭଳି ଜଣାପଡୁଛି। ଜଣେ ବରିଷ୍ଠ ଅଭିଜ୍ଞ ନେତାଙ୍କୁ ଦଳ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ନ ଦେବା ଘଟଣାରୁ ଜଣାପଡୁଛି। ଜୟଙ୍କ ସମର୍ଥକ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ଅସନ୍ତୋଷ ନିଆଁ ଜଳିବା ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ନିଆଁ କେତେ ପରିମାଣରେ ଜଳିବ ନିଶ୍ଚିତ ଭାବେ ଦଳ ପାଇଁ କ୍ଷତିକାରକ ହେବ ବୋଲି ଚର୍ଚ୍ଚା ହେଉଛି। ବିଧାୟକ ହୋଇଥିବା ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ର ଏଥରକୁ ମିଶାଇ ନିଜ ଦଳର ଟିକଟରେ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଏଣୁ ସେ ମନ୍ତ୍ରୀ ହେବେ ବୋଲି ଆଶା କରାଯିବା ସ୍ୱାଭାବିକ




## ସମର୍ଥକଙ୍କ ଭିତରେ ଅସନ୍ତୋଷର ନିଆଁ

ରହିଥିଲା। ୨୦୦୦ ରୁ ୨୦୦୯ ପର୍ଯ୍ୟନ୍ତ ମେଣ୍ଟ ସମୟରେ ବିଧାୟକ ଥିଲେ। ୨୦୦୦ ରୁ ୨୦୦୪ର ଶାସକ ଉପମୁଖ୍ୟ ସଚେତକ ଏବଂ ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ମିଳିତ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ। ୨୦୧୯ ସେ ସମ୍ବଲପୁରରୁ ବିଜେପି ଟିକଟରେ ନିର୍ବାଚିତ ହୋଇ ବିଜେପି ବିଧାୟକ ଦଳର ନେତା ଦାୟିତ୍ୱ ନିର୍ବାହ କରିଥିଲେ। ଜୟଙ୍କୁ ବାଦ ପଡ଼ିବାକୁ ଅନେକ କାରଣକୁ ନେଇ ଚର୍ଚ୍ଚା ହେଉଛି। ବିଧାୟକ ଜୟ ନାରାୟଣ ବାରମ୍ବାର ବିବାଦୀୟ ବୟାନ ଦେଇ ଆସୁଛନ୍ତି। କେତେବେଳେ ଧାର୍ମିକ, କେତେବେଳେ ଦଳ ବିରୋଧରେ ମଧ୍ୟ ବୟାନ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଚୟନ ସମୟରେ ମଧ୍ୟ ବିଧାୟକ ଦଳ ବୈଠକ ଓ ପର୍ଯ୍ୟବେକ୍ଷକଙ୍କ ବୈଠକରେ ନିଜର ମତ ଦେଇ ଦଳ ନେଉଥିବା କେତେକ ନିଷ୍ପତିକୁ ବିରୋଧ କରିଥିଲେ। ବିଜୟ ହୋଇଥିବା ବିଧାୟକମାନଙ୍କ ଭିତରୁ ମୁଖ୍ୟମନ୍ତ୍ରୀ କର ବାହାରୁ ଆଣିବା ଦରକାର ନାହିଁ ବୋଲି ଦଳର ହାଇ କମାଣ୍ଡଙ୍କୁ ମଧ୍ୟ ରୋକଠୋକ କହିଥିଲେ। ଦଳ ଚିନ୍ତାରେ ପଡ଼ି ଯାଇଥିଲା। ଏଭଳି ମୁହାଁ ମୁହିଁ କହିବାରୁ ହୁଏତ ଦଳ ଅଣଦେଖା କରୁଥିବା ସମର୍ଥକମାନେ କହୁଛନ୍ତି। ଅନ୍ୟପଟେ ତାଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଛି ତେଣୁ ବିବାଦୀୟ ହୋଇପଡ଼ିଛନ୍ତି। ବିଭ୍ରାନ୍ତିକର ବୟାନ, ଉତ୍ତେଜନା ମୂଳକ ଭାଷଣ ଦେଉଛନ୍ତି। ସବୁଠାରୁ ବଡ ବିଷୟ ହେଉଛିଯେ, ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନାହିଁ। ୨୦୧୯ ନିର୍ବାଚନ ଜିତିବା ପରେ ସେ କୁଆଡେ ଗାଏବ ହୋଇଯାଇଥିଲେ। ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିବାରୁ ନିଜ କ୍ଷେତ୍ର ପରିଦର୍ଶନ କଲେ ନାହିଁ। ଲୋକଙ୍କ ସହ ସମ୍ପର୍କ ଭଲ ରହିଲା ନାହିଁ। ତେଣୁ ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କ ଆକ୍ରୋଶ ଶିକାର ହୋଇଥିଲେ। ପରବର୍ତ୍ତି ସମୟରେ ଲୋକଙ୍କ ପାଖକୁ ଯାଇ ଭୋଟ ପ୍ରଚାର କରି ବିଜୟୀ ମଧ୍ୟ ହୋଇଥିଲେ। ନିର୍ବାଚିତ ହୋଇଥିବା ବିଧାୟକମାନଙ୍କ ଠାରୁ ଜୟ ନାରାୟଣ ବରିଷ୍ଠ ଅଭିଜ୍ଞ। ମନ୍ତ୍ରୀ ପଦରେ ରହି ଆସିଛନ୍ତି। ହେଲେ ଜୟକୁ ଦଳ ମନ୍ତ୍ରୀ ନ କରିବା ପଛରେ ରହସ୍ୟ କେହି ଜାଣି ପାରୁ ନାହାନ୍ତି। ଜୟକୁ ଦଳ ଆଉ ଗୁରୁତ୍ୱ ଦେଉ ନଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଦଳର କେତେକ ନେତା ଜୟଙ୍କୁ ବିରୋଧ କରି ମନ୍ତ୍ରୀ ପଦ ନ ଦେବା ପଛରେ ତାଙ୍କ ହାତ ଥାଇପାରେ ବୋଲି ମଧ୍ୟ ଜୟଙ୍କ ସମର୍ଥକ କହୁଛନ୍ତି।

## ପୂର୍ବ ବିଧାୟକଙ୍କୁ ମିଳିଥିବା ପଦବୀ

ସ୍ୱାଧୀନତା ପରେ ପ୍ରଥମ ସାଧାରଣ ନିର୍ବାଚନରେ ଗଣତନ୍ତ୍ର ପରିଷଦର ଡ. ଶ୍ରଦ୍ଧାକର ସୂପକାର ଏଠାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କୁ ବିଧାନସଭାର ପ୍ରଥମ ବିରୋଧୀ ଦଳର ନେତା ନିର୍ବାଚିତ କରାଯାଇଥିଲା। ୧୯୫୭ରେ ଏହି ଦଳରୁ ଏଠାରୁ ନିର୍ବାଚିତ ଲକ୍ଷ୍ମୀପ୍ରସାଦ ମିଶ୍ର ମିଳିତ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୬୧-୬୨ରେ ଏଠାରୁ କଂଗ୍ରେସ ଟିକଟରେ ବନମାଳୀ ବାବୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କଂଗ୍ରେସ ମନ୍ତ୍ରୀମଣ୍ଡଳର ଏକ ବର୍ଷ ଠାରୁ ୧୯୬୭ ପର୍ଯ୍ୟନ୍ତ ତାଙ୍କୁ ବୀରେନ ମିତ୍ର ଏବଂ ସଦାଶିବ ତ୍ରିପାଠୀଙ୍କ ମନ୍ତ୍ରୀମଣ୍ଡଳର କେବିନେଟ୍ ମନ୍ତ୍ରୀ କରାଯାଇଥିଲା। ୧୯୬୭ ନିର୍ବାଚନରେ ସେ ପୁନର୍ବାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ କଂଗ୍ରେସ ବିରୋଧୀ ଆସନରେ ରହିବାରୁ ତାଙ୍କୁ ବିଧାୟକ ଦଳର ସମ୍ପାଦକ ଦାୟିତ୍ୱ ମିଳିଥିଲା। ୧୯୭୧ ଓ ୧୯୭୪ ନିର୍ବାଚନରେ କଂଗ୍ରେସ ନେତା ଶ୍ରୀବଲ୍ଲଭ ପାଣିଗ୍ରାହୀ ଏଠାରୁ ବିଧାୟକ ନିର୍ବାଚିତ ହୋଇଥିଲେ। ସେ ୧୯୭୨ରୁ ୧୯୭୭ ପର୍ଯ୍ୟନ୍ତ ଦୁଇଟି ଦଫାରେ ନନ୍ଦିନୀ ଶତପଥୀ ଏବଂ ବିନାୟକ ଆଚାର୍ଯ୍ୟଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ହୋଇଥିଲେ। ସେ ସମୟରେ ଦେଶର ସର୍ବକନିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ୧୯୭୭ରେ ଜନତା ପାର୍ଟି ପ୍ରାର୍ଥୀ ଡା. ଝସକେତନ ସାହୁ ବିଧାୟକ ହୋଇ ନୀଳମଣି ରାଉତରାୟଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ। ୧୯୮୦ ଓ ୧୯୮୫ରେ କଂଗ୍ରେସ ପ୍ରାର୍ଥୀ ଅଶ୍ୱିନୀ ଗୁରୁ ଏବଂ ଡ. ଶ୍ରଦ୍ଧାକର ସୂପକାର ବିଧାନସଭାକୁ ନିର୍ବାଚିତ ହୋଇ ଶାସକ ଦଳରେ ରହିଥିଲେ ମଧ୍ୟ ମନ୍ତ୍ରୀ ପଦ ପାଇ ନଥିଲେ। ୧୯୯୦ରେ ଦୁର୍ଗାଶଙ୍କର ପଟ୍ଟନାୟକ କଂଗ୍ରେସ ଟିକଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ କଂଗ୍ରେସ ସେଥର ବିରୋଧୀ ଦଳରେ ରହିଥିଲା। ୧୯୯୫ରେ ପଟ୍ଟନାୟକ ପୁନର୍ବାର କଂଗ୍ରେସ ଟିକଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଜାନକୀ ବଲ୍ଲଭ ପଟ୍ଟନାୟକ ସେଥର ମୁଖ୍ୟମନ୍ତ୍ରୀ ଥିଲେ। ମନ୍ତ୍ରୀମଣ୍ଡଳ ଗଠନର କିଛି ମାସପରେ ପଟ୍ଟନାୟକଙ୍କୁ ମନ୍ତ୍ରୀ କରାଯାଇଥିଲା। ସେ ଏହି ବିଧାନସଭାର ଗିରିଧାରୀ ଗମାଙ୍ଗ ଏବଂ ହେମାନନ୍ଦ ବିଶ୍ୱାଳଙ୍କ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବିଭିନ୍ନ ବିଭାଗର ମନ୍ତ୍ରୀ ହୋଇଥିଲେ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନର ବିଜେପି ବିଧାୟକ ଜୟନାରାୟଣ ମିଶ୍ର ୨୦୦୯ ସାଧାରଣ ନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ୬ ଜଣ ବିଜେପି ବିଧାୟକଙ୍କ ମଧ୍ୟରୁ ଜଣେ ଥିଲେ।

## ■ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶିକ୍ଷା ବର୍ଗ ଉଦ୍‌ଯାପିତ
# ପଶ୍ଚିମପ୍ରାନ୍ତର ୧୮୦ ପ୍ରଶିକ୍ଷାର୍ଥୀ ନେଲେ ପ୍ରଶିକ୍ଷଣ



**କୁଚିଣ୍ଡା, ୧୨।୬ (ସମିସ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପଶ୍ଚିମପ୍ରାନ୍ତ ସଂଘ ଶିକ୍ଷାବର୍ଗ ସାମାନ୍ୟର ସମାପନ କାର୍ଯ୍ୟକ୍ରମ ବାମରା ବ୍ଲକ କେଶୈବହାଲ ସ୍ଥିତ ଗୋଦାମଗୋଡା ପଡ଼ିଆଠାରେ ସମ୍ପନ୍ନ ହୋଇଯାଇଛି। ସମାପନ କାର୍ଯ୍ୟକ୍ରମରେ କିଶାନ ସମାଜର ଜିଲ୍ଲା ସଭାପତି ପଞ୍ଚାନନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଆରଏସଏସ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ଡ.ସନାତନ ପ୍ରଧାନ ଯୋଗ ଦେଇ କହିଥିଲେ ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଉତ୍ତମ ଚରିତ୍ର ନିର୍ମାଣ, ସଂଗଠିତ ସୁସ୍ଥ ହିନ୍ଦୁ ସମାଜ ଓ ପରମ ବୈଭବଶାଳୀ ରାଷ୍ଟ୍ର ଗଠନ ପାଇଁ କାର୍ଯ୍ୟ କରିଥାଏ। ସଂଘ ଶିକ୍ଷା ବର୍ଗ ହେଉଛି ଶାରୀରିକ, ମାନସିକ, ବୌଦ୍ଧିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶ ତଥା ରାଷ୍ଟ୍ରୀୟ ମୂଲ୍ୟବୋଧ ସମ୍ପନ୍ନ ବ୍ୟକ୍ତି ନିର୍ମାଣର କାର୍ଯ୍ୟକ୍ରମ। ଶିକ୍ଷାର୍ଥୀମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଏହା ଏକ ଅଭିନବ ପ୍ରଶିକ୍ଷଣ କେନ୍ଦ୍ର। ସେ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସତ୍ୟ, ଧର୍ମ ଓ ବିଜ୍ଞାନ ଆଧାରିତ ହିନ୍ଦୁ ଜୀବନ ପଦ୍ଧତିରେ ସାମିଲ ହୋଇ ଜୀବନକୁ ସାର୍ଥକ କରିବା ପାଇଁ ଆହ୍ୱାନ ଦେଇଥିଲେ। ବର୍ଗ କାର୍ଯ୍ୟବାହ ହରେକୃଷ୍ଣ ମାଝୀ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ। ବର୍ଗ ସର୍ବାଧିକାରୀ ପୂର୍ଣଚନ୍ଦ୍ର ସ୍ୱାଇଁ ବର୍ଗ ବିବରଣୀ ପାଠ କରିଥିଲେ। ସଂଘ ଶିକ୍ଷାବର୍ଗ କେଶୈଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୪ ଜିଲ୍ଲାରୁ ୧୫ ରୁ ୪୦ ବର୍ଷର ମଧ୍ୟ ୧୮୦ ଜଣ କାର୍ଯ୍ୟକର୍ତ୍ତା ଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଦଶମ ଓ +୨ ବିଦ୍ୟାର୍ଥୀ ୧୨୫ ଜଣ, +୩ ବିଦ୍ୟାର୍ଥୀ ୨୫ ଜଣ ଓ ଉଚ୍ଚଶିକ୍ଷା ଓ ବ୍ୟବସାୟୀ ୩୦ ଜଣ। ଏହା ଉଲ୍ଲେଖନୀୟ ଯେ ସମସ୍ତ ଶିକ୍ଷାର୍ଥୀ ନିଜେ ନିଜର ଯାତାୟାତ, ଭୋଜନ ଶୁଳ୍କ ଓ ସଂଘର ଗଣବେଶ ପ୍ରସ୍ତୁତି ଖର୍ଚ୍ଚ ନିଜେ ବହନ କରି ବର୍ଗ ଆସିଥିଲେ। ପ୍ରତିଦିନ ପ୍ରାତଃ ୪ ଟାରୁ ଆରମ୍ଭ ହୋଇ ରାତ୍ରି ୧୦ ଟା ଦୀପ ବିସର୍ଜନ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଯୋଜନାବଦ୍ଧ ସମୟ ସାରଣୀ ଅନୁସାରେ ଶିକ୍ଷାର୍ଥୀ, ଶିକ୍ଷକ ପ୍ରବନ୍ଧକ ଓ ଅଧିକାରୀଙ୍କ ଦିନଚର୍ଯ୍ୟା ଚାଲୁଥିଲା। ବର୍ଗରେ ବ୍ୟକ୍ତିର ସାମଗ୍ରିକ ଗୁଣର ବିକାଶ ପାଇଁ ଶାରୀରିକ, ବୌଦ୍ଧିକ, ବ୍ୟବସ୍ଥା କୌଶଳ, ସେବାକାର୍ଯ୍ୟ, ସମ୍ପର୍କ, ପ୍ରଚାର ଭଳି ଯୋଜନାର ପ୍ରଶିକ୍ଷଣ ଦିଆଯାଉଥିଲା। ପ୍ରଶିକ୍ଷଣ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ୨୪ ଜଣ ଶିକ୍ଷକ ବର୍ଗରେ ଉପସ୍ଥିତ ଥିଲେ। ଏହାସହ ବର୍ଗର ବ୍ୟବସ୍ଥାକୁ ସୂଚାରୁ ରୂପେ ଚଳାଇବା ପାଇଁ ୪୭ ଜଣ ପ୍ରବନ୍ଧକ ମଧ୍ୟ କାର୍ଯ୍ୟ କରୁଥିଲେ। ଗୁଣାତ୍ମକ କାର୍ଯ୍ୟକ୍ରମ ଓ ମାର୍ଗଦର୍ଶନ ପାଇଁ ଅନେକ ଅଖିଳ ଭାରତୀୟ, କ୍ଷତ୍ରୀୟ ଓ ପ୍ରାନ୍ତୀୟ ଅଧିକାରୀ ଗଣଙ୍କ ଆଗମନ ହୋଇଥିଲା। ସରୋଜ କୁମାର ଦାଶ, ଦୟାସାଗର ପ୍ରଧାନ, ସଜ୍ଜନ ଖଣ୍ଡେଲୱାଲ ପ୍ରଭୃତିଙ୍କ ସହଯୋଗରେ ବର୍ଗ ପରିଚାଳିତ ହୋଇଥିଲା। ସର୍ବୋପରି ସମସ୍ତ ବ୍ୟବସ୍ଥାର ସଂଯୋଜନା ପାଇଁ ଘାସିରାମ ସାହୁ ସର୍ବ ବ୍ୟବସ୍ଥା ପ୍ରମୁଖ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ବର୍ଗ ସହ ଆଉ ୨ଟି ବର୍ଗର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

## ମନ୍ଦିର ପ୍ରବେଶ କଲେ ନୀଳକଣ୍ଠେଶ୍ୱର ଓ ମା' ପାର୍ବତୀ

**ହୀରାକୁଦ, ୧୨।୬(ସମିସ)** ଆଜି ସକାଳୁ ବିବାହ ପରେ ନୀଳକଣ୍ଠେଶ୍ୱର ଓ ମାତା ପାର୍ବତୀ ମନ୍ଦିରକୁ ପ୍ରବେଶ କରିଛନ୍ତି। ଆଳତି, ହୁଳହୁଳି, ଘଣ୍ଟ ଶଙ୍ଖ ବଜାଇ ସ୍ୱାଗତ ଜଣାଇଥିଲେ। ପରେ ମନ୍ଦିରରେ ବିଭିନ୍ନ ପୂଜାର୍ଚ୍ଚନା କରାଯାଇ ତାଙ୍କୁ ତାଙ୍କର ସ୍ଥାନରେ ପୁନଃ ସ୍ଥାପିତ କରାଯାଇଥିଲା। ଗତକାଲି ରାତିରେ ପ୍ରାୟ ୦୧ ଟାରେ ଦେବ ବିବାହ ପରେ ବାହାରିଲା ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନ ଶୋଭାଯାତ୍ରା। ଦେବ ଦମ୍ପତିଙ୍କ ଯୁଗଳମୂର୍ତ୍ତିର ଦର୍ଶନ କଲେ ମହାପୂଣ୍ୟ ମିଳିଥାଏ ଓ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବିଭିନ୍ନ ବର୍ଗର ଲୋକେ ଦ୍ୱୀପ ଜାଳି ପୂଜା ସାମଗ୍ରୀ ଅର୍ପଣ କରି ଯୁଗଳ ମୂର୍ତ୍ତିଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଉଥିବାର ଦେଖିବାକୁ ମିଳିଥିଲା। ଏଥର ଶୋଭାଯାତ୍ରାରେ ବିଭିନ୍ନ ନୃତ୍ୟଦଳ, ପ୍ରଜ୍ଞାପନ ମେଢ, ଦୁଲଦୁଲି, ଡିଜେ, ବେଣ୍ଡ ପାର୍ଟି, ଘଣ୍ଟ ଦଳ, ଅଂଶ ଗ୍ରହଣ କରିଥିଲେ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ଏଥିରେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ଶୋଭାଯାତ୍ରା ସମସ୍ତେ ବହୁତ୍ ପସନ୍ଦ କରିଥିଲେ।



# ପାରମ୍ପରିକ ଲୋକକଳା ସହ ଆଧୁନିକ ଛିଟା...




**ସମ୍ବଲପୁର, ୧୨।୬(ସମିସ):** ସମ୍ବଲପୁର ସହର ସବୁ ପ୍ରମୁଖ ରାସ୍ତା ଯେଉଁ ରୁଟ ଦେଇ ଯୁଗଳ ମୂର୍ତ୍ତି ଶୋଭାଯାତ୍ରା ଯାଉଥିଲା ସବୁଠି ମାଗଣା ଜଳଖିଆ ଓ ପାନୀୟ ଜଳର ବ୍ୟବସ୍ଥା ଦେଖିବାକୁ ମିଳିଛି। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା କରାଯାଇଛି। ସମ୍ବଲପୁର ସହର ଏବଂ ଗୋଲବଜାର ଛକ ଦେଇ ମିଳିତ ଶୋଭାଯାତ୍ରା ଯାଉଥିବାରୁ ଗୋଲ ବଜାର ଛକ ଜନସମୁଦ୍ର ପାଲଟି ଥିଲା। ପ୍ରବଳ ଗରମ ହେଉଥିବାରୁ ଲୋକଙ୍କୁ ତାତିରୁ ତ୍ରାହି ଦେବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଫ୍ଲାଇ ଓଭର ବ୍ରିଜ ଉପରୁ ଶୀତଳ ଜଳ ସିଞ୍ଚନ କରାଯାଇଥିଲା। ଏଥର ଯୁଗଳ ଦର୍ଶନ ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରାୟ ୧୨ ହଜାର କଳାକାର ସାମିଲ ହୋଇଛନ୍ତି। ପାରମ୍ପରିକ ଲୋକକଳା ସହ ଆଧୁନିକ ନାଚ ଗୀତର ଆସର ଜମିଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାର ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, କୋଲକାତା ତଥା ବିଭିନ୍ନ ସ୍ଥାନରୁ କଳାକାର ଆସି ନିଜର କଳା ପରିବେଷଣ କରିଛନ୍ତି। ଦେଶ ବାହାର ସୁଦୂର ଶ୍ରୀଲଙ୍କାର କଲମ୍ବୋ ସହରରୁ ମଧ୍ୟ ଏଥର କଳାକାର ଆସିଥିଲେ। ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ଶୋଭାଯାତ୍ରାରେ ଶ୍ରୀଲଙ୍କାର କଳାକାର ଦଳ ନୃତ୍ୟ ପରିବେଷଣ କରିଛନ୍ତି। ପ୍ରବଳ ଗରମ ସତ୍ତ୍ୱେ ସମ୍ବଲପୁର ସହରର ଗୋଲ ବଜାର ଛକ ଲୋକାରଣ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ପାରମ୍ପରିକ ଲୋକ ନୃତ୍ୟ ସହ ଆଧୁନିକ ନୃତ୍ୟ ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଆଜି ଏହି ଯୁଗଳ ମୂର୍ତ୍ତି ଶୋଭାଯାତ୍ରାର ସମାପ୍ତି ପରେ ସନ୍ଧ୍ୟାରେ ସବୁ ଶୀତଳ ଷଷ୍ଠୀ ଯାତ୍ରା କମିଟିର ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ପରେ ଶୀତଳ ଷଷ୍ଠୀ ଯାତ୍ରା ସମାପନ ହେବ। ସମ୍ପନ୍ନ ହୋଇଯାଇଛି ସମ୍ବଲପୁର ସହରର ସବୁଠାରୁ ବଡ଼ ପର୍ବ ଶୀତଳ ଷଷ୍ଠୀ ଯାତ୍ରା। ଯୁଗଳ ଦର୍ଶନ ଓ ସାଂସ୍କୃତିକ ଶୋଭାଯାତ୍ରା ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ଦୀର୍ଘ ୨୦ ଘଣ୍ଟାର ଶୋଭାଯାତ୍ରାରେ ଭକ୍ତଙ୍କୁ ଦର୍ଶନ ଦେବା ପରେ ନବ ଦମ୍ପତି ମନ୍ଦିର ପ୍ରବେଶ କରିଛନ୍ତି। ମହା ଆଳତି ପରେ ପୁଣିଥରେ ନଗର ପରିକ୍ରମା ପାଇଁ ଶୋଭାଯାତ୍ରାରେ ବାହାରିଥିଲେ।

## ମଙ୍ଗଳ ଆଳତି ଦେଖିଲେ, ଉପବାସ ଭାଙ୍ଗିଲେ

**ସମ୍ବଲପୁର, ୧୨।୬(ସମିସ):** ଆଜି ସପ୍ତମୀ ତିଥିର ପାଣ୍ଡ୍ୱର୍ ଦେବାଦେବୀଙ୍କ ସହିତ ମହାଦେବ-ପାର୍ବତୀ ନବ ବିବାହିତ ଦେବ ଦମ୍ପତି ମନ୍ଦିର ବିଜେ କରିଛନ୍ତି। ଶୀତଳଷଷ୍ଠୀ ଶୋଭାଯାତ୍ରା ବଦଳରେ ନବ ପରିଣିତ ଦେବ ଦମ୍ପତି ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ, ମୁଦିପଡ଼ାର ଜାଗେଶ୍ୱର ମନ୍ଦିର ବେଢ଼ାରେ ନିର୍ମିତ ସୁସଜ୍ଜିତ ମଣ୍ଡପରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଗତକାଲି ଠାରୁ ସୁସଜ୍ଜିତ ମେଢ଼ ଉପରେ ଆସୀନ ମହାଦେବ-ପାର୍ବତୀଙ୍କ ଯୁଗଳ ଦର୍ଶନ ଆରମ୍ଭ ହୋଇଥିଲା। ଶିବାଳୟମାନଙ୍କରେ ମହାଦେବ-ପାର୍ବତୀଙ୍କ ସ୍ୱତନ୍ତ୍ର ଆରତୀ କରାଯାଇଥିଲା। ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ ଓ ଘଣ୍ଟ ଶଙ୍ଖ ଧ୍ୱନି ଯୋଗୁଁ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମନ୍ଦିର ଓ ମଣ୍ଡପଗୁଡ଼ିକୁ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଥିବାରୁ ଏହା ଝଲସି ଉଠିଥିଲା। ନଗର ପରିକ୍ରମା ସମୟରେ ଦେବ ଦମ୍ପତିଙ୍କୁ ବାଟରେ ଲୋକମାନେ ପୂଜାର୍ଚ୍ଚନା କରିଥିଲେ। ସେହି ପରମ୍ପରା ସ୍ୱରୂପ ମଣ୍ଡପମାନଙ୍କୁ ଆସି ଗତଥର ଭଳି ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଛନ୍ତି। ଆଜି ସନ୍ଧ୍ୟାରେ ମନ୍ଦିର ବିଜେ କାର୍ଯ୍ୟକ୍ରମ ପୂର୍ବରୁ ଦେବ ଦମ୍ପତିଙ୍କ ମଙ୍ଗଳ ଆରତୀ କରାଯାଇଥିଲା। ମହାଦେବ-ପାର୍ବତୀଙ୍କ ଦର୍ଶନ ବହୁ ଭକ୍ତ ଆଜି କରିଥିବା ଉପବାସ ଭାଙ୍ଗିଥିଲେ। ଦେବ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ଅବସରରେ ବିଭିନ୍ନ ଯାତ୍ରା କମିଟୀ ପକ୍ଷରୁ ଆତସବାଜି କରାଯାଇଥିଲା। ଗତ କିଛି ଦିନ ଧରି ଚାଲିଥିବା ଗ୍ରୀଷ୍ମ ଲହରୀରେ ଥିଲେ ମଧ୍ୟ ଗତ ରାତି ଯାତ୍ରା ବାହାରିବା ସମୟରେ ଲୋକାରଣ୍ୟ ହୋଇଥିଲା। ଗତ ସନ୍ଧ୍ୟାରେ ପବନ ଯୋଗୁଁ ଆଜି ପୂର୍ବାହ୍ନ ସୁଦ୍ଧା ସହରର ପରିବେଶ ଅନୁକୂଳ ରହିଥିଲା। ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ, ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର, ମୁଦିପଡ଼ାର ଜାଗେଶ୍ୱର, ମାନେଶ୍ୱରର ମାନ୍ଧାତା, ବାଲିବନ୍ଧାର ସୋମନାଥ, ଠାକୁରପଡ଼ାର ଗୁପ୍ତେଶ୍ୱର, ସିନ୍ଦୁରପଙ୍କର ଚନ୍ଦ୍ରଶେଖର, ବଡ଼ବଜାରର ଶୀତଳେଶ୍ୱର, ଦୁର୍ଗାପାଲିର ଗୁଡ଼େଶ୍ୱର, ଗୋଲବଜାରର ରାମେଶ୍ୱର, ଫାଟକର ପାହାଡ଼େଶ୍ୱର ପ୍ରଭୃତି ମନ୍ଦିର ବେଢ଼ାରେ ନବ ପରିଣିତ ଦେବଦମ୍ପତିଙ୍କ ମନ୍ଦିର ବିଜେ ସହିତ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ବହୁ ସଂଖ୍ୟକ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଶୀତଳଷଷ୍ଠୀ ଯାତ୍ରା ସମୟରେ ପାନୀୟ ଜଳ ଓ ପ୍ରସାଦ ବିତରଣ କରାଯାଇଥିଲା। ବିଭିନ୍ନ କମିଟି ପକ୍ଷରୁ ଆୟୋଜିତ ଶୀତଳଷଷ୍ଠୀ ଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଇଥିଲା।

### ଶୀତଳଷଷ୍ଠୀ ଯାତ୍ରା

# ନଗରପରିକ୍ରମାରେ ଦେବଦମ୍ପତିଙ୍କ ଯୁଗଳଦର୍ଶନ

**ସମ୍ବଲପୁର, ୧୨।୬(ସମିସ)**





ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଅବସରରେ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ହୋଇଛି। ନଗରର ପରିକ୍ରମା କରି ଗୋଧୂଳି ଲଗ୍ନରେ ମନ୍ଦିର ପ୍ରବେଶ କରିଛନ୍ତି। ଶୈବପୀଠ ତଥା ମନ୍ଦିର ସମ୍ମୁଖରେ ମହିଳାମାନେ ଝୋଟି ଉପରେ ପୂର୍ଣ୍ଣକଳସ ସ୍ଥାପନ କରି ଦେବଦମ୍ପତିଙ୍କ ଫେରିବା ବାଟକୁ ଅପେକ୍ଷା କରିଥିଲେ। ଶିବ ପାର୍ବତୀ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଶଙ୍ଖ ଧ୍ୱନିରେ ମୁଖରିତ ହୋଇଥିଲା ପରିବେଶ। ମହିଳାଙ୍କ ହୁଳହୁଳିରେ ଉଚ୍ଛୁଳି ପଡ଼ିଥିଲା ଶୈବପୀଠ। କାଠ ପିଢ଼ାରେ ନବ ବିବାହିତ ଦେବଦମ୍ପତିଙ୍କୁ ଉପବିଷ୍ଟ କରାଯାଇ ସମବେତ ମହିଳାମାନେ ଦୂବ, ଅରୂଆ ଚାଉଳ, ବୁରୋ ପତ୍ର ଦେଇ ବନ୍ଦାଣ କରିଥିଲେ। ପାଦ ଧୃତ କରି ଭକ୍ତମାନେ ଆଶୀର୍ବାଦ ଗ୍ରହଣ କରିଥିଲେ। ପଣ୍ଡିତମାନେ ଶିବ ସ୍ତୁତି ଉଚ୍ଚାରଣ କରିଥିଲେ। ସେହିପରି ଶାଗିପାଠ, ପଞ୍ଚବାଦ୍ୟ, ପଞ୍ଚାମୃତରେ ମହାଭିଷେକ ରୀତି ହୋଇଥିଲା। ହରିବୋଲ, ହୁଳହୁଳି ଧ୍ୱନିରେ ୧୦୮ ଆଳତି କରାଯିବା ପରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିଥିଲେ। କ୍ରମରେ ନନ୍ଦପଡ଼ା ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା ମଧ୍ୟରାତ୍ରରୁ ନଗର ପରିକ୍ରମାରେ ବାହାରିଥିଲେ। ନିର୍ଦ୍ଧାରିତ ଶୋଭାଯାତ୍ରା ପଥରେ ଭକ୍ତମାନେ ଶିବପାର୍ବତୀଙ୍କୁ ବନ୍ଦାଣ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ରାତିତମାମ ଶୋଭାଯାତ୍ରା ଚାଲିଥିବା ବେଳେ ସକାଳ ସାଢେ ୫ଟାରେ ବନ୍ଦ ହୋଇଥିଲା। ଏହି ସମୟରେ ଉପସ୍ଥିତ ଲକ୍ଷାଧିକ ଭକ୍ତ ବିମାନରେ ଉପବିଷ୍ଟ ହୋଇଥିବା ଠାକୁରଙ୍କୁ ଦୀପଦାନ ସହ ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ପୁଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ନନ୍ଦପଡ଼ା ଯାତ୍ରା ସାନ ସଡ଼କ, ଝାଡୁଆପଡ଼ା ଯାତ୍ରା ବୈଦ୍ୟନାଥ ଛକରୁ ଗେଟି ରୋଡ, କୁଞ୍ଜେଲପଡ଼ା ଛକ, ମୁଦିପଡ଼ା ଯାତ୍ରା ଲକ୍ଷ୍ମୀଟକିଜ ଛକରୁ ଗୋଲବଜାର ରାସ୍ତା, ବଡବଜାର ଯାତ୍ରା କ୍ଷେତରାଜପୁର, ଫାର୍ମରୋଡ ଓ ଠାକୁରପଡ଼ା ଯାତ୍ରା ବୁଢ଼ାରଜା ମୁଖ୍ୟରାସ୍ତା ଦେଇ ଗୋପାଳମାଳ ରାସ୍ତା ପରିକ୍ରମା କରି ମନ୍ଦିର ପ୍ରବେଶ କରିଥିଲେ। ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ନିରବଚ୍ଛିନ୍ନ ଭାବେ ନୃତ ଗୀତ ସହ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯୁବକଯୁବତୀଙ୍କ ସମେତ ଭକ୍ତମାନେ ନାଚକୁ ମନୋଭରି ଉପଭୋଗ କରିଥିଲେ। କିନ୍ନରମାନେ ଦେବଦମ୍ପତିଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।

### ଗୋଧୂଳି ଲଗ୍ନେ ମନ୍ଦିର ପ୍ରବେଶ

# ମରାମତି ହେଲା ଷ୍ଟାଣ୍ଡପୋଷ୍ଟ

**ବରଗଡ଼, ୧୨। ୬(ସମିସ):** ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା



ଷ୍ଟାଣ୍ଡପୋଷ୍ଟରେ ଟେପ୍ ନଥିବାରୁ ପାଇପ ଜଳନାଳରେବୋହିଯାଉଥିବାନେଇଖବର

ସକାଳ ପ୍ରଭାବ

'ସକାଳ'ରେ ପ୍ରକାଶିତ ହେବା ପରେ ବରଗଡ଼ ପିଏଚଡ଼ି ବିଭାଗର କର୍ମକର୍ତ୍ତାମାନେ ଖୋଲାରେ ବୋହି ଯାଉଥିବା ପାଇପ ଗୁଡ଼ିକ ମରାମତି କରିଥିବା ଜଣାଯାଇଛି। ଷ୍ଟାଣ୍ଡପୋଷ୍ଟ ଗୁଡ଼ିକରେ ଟେପ୍ ସଂଯୋଗ କରିଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନଜରକୁ ଏହି ଖବର ଆସିବା ପରେ ତୁରନ୍ତ ମରାମତି କରିବା ସହ ସହର ମଧ୍ୟରେ ଯେଉଁ ସ୍ଥାନରେ ଏମିତି ପାଣି ଅପଚୟ ହେଉଛି ତୁରନ୍ତ ମରାମତି କରିବାକୁ ପି ଏଚ୍ ଡି ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। ପି ଏଚ୍ ଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ଆଟି ନିଜେ ଉପସ୍ଥିତ ରହି ମରାମତି କରିଥିଲେ।

# ବରଗଡ଼ରେ ପନିପରିବା ଦର ଆକାଶଛୁଆଁ

**ବରଗଡ଼, ୧୨।୬(ସମିସ)**

ଧିରେ ଧିରେ ପନିପରିବା ଦର ବଢ଼ିବାକୁ ଲାଗିଥିବା ବେଳେ ଏହାର ସିଧାସଳଖ ପ୍ରଭାବ ହାଣ୍ଡିଶାଳରେ ପଡ଼ିଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏପରିସ୍ଥିତିରେ ଧାନ ତଥା ପନିପରିବା ଉତ୍ପାଦନରେ ସମଗ୍ର ରାଜ୍ୟରେ ଅଗ୍ରଣୀ ଜିଲ୍ଲା ଭାବେ ପରିଚିତ ବରଗଡ଼ ଦର ବୃଦ୍ଧି ପ୍ରଭାବରୁ ବାଦ ପଡ଼ିନାହିଁ। ବର୍ଷର ଅଧିକାଂଶ ସମୟ ପନିପରିବା ରପ୍ତାନୀ କରୁଥିବା ବରଗଡ଼କୁ ଏବେ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାଷ ଏବଂ ଚାଷୀକୁ ନେଇ ଗର୍ବିତ ବରଗଡ଼ ଜିଲ୍ଲାରେ ଧାନ ସହ ବ୍ୟାପକ ପନିପରିବା ଉତ୍ପାଦନ ହେଉଥିବା ବେଳେ ଦରବୃଦ୍ଧିର ପ୍ରଭାବ ଏଠାରେ ଖାଉଟୀଙ୍କ କଷ୍ଟ ଦେଉଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗତ କିଛି ଦିନ ହେବ ପନିପରିବା ଦର ବଢ଼ି ଚାଲିଥିବା ବେଳେ ସାଧାରଣ ଖାଉଟୀ ଏହାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ବର୍ତ୍ତମାନ ସମୟରେ କେତେକ ପନିପରିବା ରାଜ୍ୟ ବାହାରରୁ ଆମଦାନୀ ହେଉଥିବା ବେଳେ



ଆଉ କେତେକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଉତ୍ପାଦନ ହେଉଛି। ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ପନିପରିବା ଉତ୍ପାଦନ ହ୍ରାସ ପାଇଛି। ଯାହାର ସିଧାସଳଖ ପ୍ରଭାବ ବର୍ତ୍ତମାନ ବରଗଡ଼ ସହରରେ ଥିବା ବଜାର ଉପରେ ପଡ଼ିବା ସହ ପନିପରିବାର ଦରବୃଦ୍ଧି ଘଟିଛି। ବରଗଡ଼ ସହରର ହାଟପଦାରେ ଥିବା ପନିପରିବା ମାର୍କେଟରେ ଏହାର ସିଧାସଳଖ ପ୍ରଭାବ ଦେଖିବାକୁ ମିଳିଛି। ସହରରେ ବର୍ତ୍ତମାନ ଟମାଟୋ, ଫୁଲକୋବି ୫୦ ଟଙ୍କା ରହିଛି। ସେହିପରି ପୋଟଳ ୬୦ ଟଙ୍କା, ବାଇଗଣ ୩୦ ଟଙ୍କା, ଭେଣ୍ଡି ୫୦ ଟଙ୍କା, ଝୁଲେର (ବରବଟୀ) ୮୦ ଟଙ୍କା, କଞ୍ଚା ଲଙ୍କା ୮୦ ଟଙ୍କା, କାଙ୍କଡ ୮୦ ଟଙ୍କା ରହିଛି। ଅନୁରୂପ ଭାବରେ ଧନିଆପତ୍ର କିଲୋ ୧୬୦ ଶହ ଟଙ୍କା ରହିଥିବା ବେଳେ ଆଳୁ ୪୦ ଟଙ୍କା, ପିଆଜ ୩୦ ଟଙ୍କା, ସିମଲା ମରିଚ ୮୦ ଟଙ୍କା, ଗାଜର କିଲୋ ୪୦ ଟଙ୍କା, ରସୁଣ କିଲୋ ୨୦୦ ଟଙ୍କା ରହିଛି। ଗ୍ରାହକମାନେ ଗତ କିଛି ଦିନ ପୂର୍ବରୁ କିଲେ ଦୁଇ କିଲୋ ଲେଖାଏଁ ପନିପରିବା ନେଉଥିବା ବେଳେ ଏବେ ଅଧ କିଲୋ ପାଏ ଲେଖାଏଁ ନେଉଥିବା ଦେଖା ଯାଉଛି। ଜିଲ୍ଲାରୁ ବିଭିନ୍ନ ସମୟରେ ଉତ୍ପାଦିତ ପନିପରିବାକୁ ରାଜ୍ୟର ବିଭିନ୍ନ ସହରକୁ ରପ୍ତାନୀ ହେଉଥିବା ବେଳେ ବର୍ତ୍ତମାନ ପଡୋଶୀ ରାଜ୍ୟରୁ ପରିବା ଆସୁଛି।

- ଗ୍ରୀଷ୍ମପ୍ରବାହ ଯୋଗୁଁ ଉତ୍ପାଦନ ବାଧାପ୍ରାପ୍ତ
- ପଡ଼ୋଶୀ ରାଜ୍ୟ ଭରସାରେ ଓଡ଼ିଶାର ଭାତହାଣ୍ଡି

# ପାଇକମାଲ ସଡ଼କପଡ଼ା ରାସ୍ତା ପ୍ରଶସ୍ତିକରଣ କେବେ?

**ପାଇକମାଲ, ୧୨।୬(ସମିସ) :** ପାଇକମାଲ ମୁଖ୍ୟ ଛକରୁ ଝାରବନ୍ଧକୁ ଯିବା ରାସ୍ତା ସଡ଼କପଡ଼ା ରାସ୍ତା କେବେ ପ୍ରଶସ୍ତିକରଣ କରାଯିବ ସେନେଇ ପାଇକମାଲରେ ଲୋକେ ସବୁବେଳେ ଚର୍ଚ୍ଚା କରୁଛନ୍ତି। ପାଇକମାଲ ଛକରୁ ଝାରବନ୍ଧ ବ୍ଲକର ଡଭା ଗ୍ରାମ ପର୍ଯ୍ୟନ୍ତ ରାସ୍ତାକୁ ୨୦୧୪ ମସିହାରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହା ପରେ ଦୁଇ ଥର ଏହି ରାସ୍ତା କାମ ହୋଇ ଥିଲେ ମଧ୍ୟ ଠିକ ଭାବରେ କାମହୋଇ ନଥିବା ଅଭିଯୋଗ ହୋଇଥିଲା। ଏହି ରାସ୍ତାକୁ ପ୍ରଶସ୍ତ କରିବାକୁ ହେଲେ ପାଇକମାଲ ଛକରୁ ସଡ଼କପଡ଼ା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ଅନେକ ଥର ତହସିଲ ଅଫିସ ତରଫରୁ ରାସ୍ତା



ମାପ ହୋଇ ଥିଲେ ମଧ୍ୟ କାମ ହୋଇ ପାରୁ ନାହିଁ। ବିଭାଗୀୟ ଜେଇ ଦିଲ୍ଲୀପ ସାହୁଙ୍କୁଙ୍କୁ ପଚାରିବାରୁ ଶୀଘ୍ର କାମ ହୋଇ ପାରେ ବୋଲି ଜଣାଇଛନ୍ତି। ରାସ୍ତାଟି ଅଣଓସାରିଆ ଥିବାରୁ ପ୍ରତିଦିନ ଜାମ ହେଉଛି। ଫଳରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ବାରମ୍ବାର ଘଟୁଛି। ତେଣୁ ଉଚ୍ଚ ପଦସ୍ଥ ଅଧିକାରୀ ତଥା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇ ଦାବି ହେଉଛି।

# ମାର୍ଜିନାଲାଇଜ୍ ଫୋକ୍ ଥିଏଟର ଆରମ୍ଭ

**ପଦ୍ମପୁର, ୧୨।୬(ସମିସ) :** ସଚେତନ ହେମା ଢ଼ୋଲବନ୍ଧ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମାର୍ଜିନାଲାଇଜ ଫୋକ ଥିଏଟର ମହୋତ୍ସବ ଆଜିଠାରୁ ଆରମ୍ଭ ହେବ। ଦୀର୍ଘ ଚାରି ଦିନ ଧରି ହେବାକୁ ଥିବା ଗ୍ରାମୀଣ ପରିବେଶରେ ବଜରଙ୍ଗବଲି କଳାପରିଷଦ ଦ୍ୱାରା କୀର୍ତ୍ତନ୍ୟ, ଆନନ୍ଦ ବାଗ ଓ ସାଥି ଲକ୍ଷ୍ମୀପୁରାଣ, ରସିକ ସାହୁ ସଞ୍ଚାର, ମଣି ଛତର ସଞ୍ଚାର, ଗୌନ୍ତିଆ ପାଲା ପାଟି ଜଡାଗଞ୍ଜା,



କରମସାନି, ଡାଲଖାଇ ନୃତ୍ୟ, ନାଟକ, ଆଦି ପରିବେଷିତ ହେବ। ଲୋକକଳା ତଥା ବିଭିନ୍ନ ଦିଗରେ ଉତ୍କର୍ଷତା ଲାଭ କରିଥିବା ପାଞ୍ଚ ଜଣଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଲୋକକଳା ସଂରକ୍ଷଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ସଂସ୍କୃତି ବିଭାଗ ଭାରତ ସରକାରଙ୍କ ସହଯୋଗରେ ହେଉଥିବା ଏହି ଅଭିନବ କାର୍ଯ୍ୟକ୍ରମରେ କୁଳମଣି ପଶାୟତ ଓ ଘନଶ୍ୟାମ ଭୋଇ ସଂଯୋଜକ ଅଛନ୍ତି। ସବୁ ବର୍ଷ ମାନଙ୍କ ପରି ଏ ବର୍ଷ ମଧ୍ୟ ଯୋଗ ଦେଇ ମହୋତ୍ସବକୁ ସଫଳ କରିବାକୁ ନିବେଦନ କରିଛନ୍ତି ଅନୁଷ୍ଠାନର ନାଟ୍ୟକାର ରାଜକୁମାର ସାହୁ।

# ଅଘୋଷିତ ବିଜୁଳି ବିଭ୍ରାଟ

**ପଦ୍ମପୁର, ୧୧।୬ (ସମିସ):** ପଦ୍ମପୁର ଉପ ଖଣ୍ଡରେ ବିଜୁଳି ବିଭ୍ରାଟ ସହନଶୀଳତାର ଚରମ ସୀମାକୁ ଟପି ଯାଇଛି। ପ୍ରଚଣ୍ଡ ରୌଦ୍ରତାପ, ଗୁଳୁଗୁଳିରେ ଲୋକମାନେ ଭାଜି ହେଉଥିବା ସମୟରେ ବିଦ୍ୟୁତ ବିଭ୍ରାଟ ହେଉଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିଛି। ଜନସାଧାରଣ ବିଦ୍ୟୁତ ସହ ଅଙ୍ଗାଙ୍ଗି ଭାବେ ଜଡିତ ରହିଛନ୍ତି। ଗୋଟିଏ ମୁହୂର୍ତ୍ତ ବିନା ବିଦ୍ୟୁତରେ ଚଳିବା ଅସମ୍ଭବ ହୋଇ ପଡ଼ିଛି। ଚଳିତ ବର୍ଷ ଟାଣ ଖରାରେ ଲୋକମାନେ ବ୍ୟତିବ୍ୟସ୍ତ ହେଉଥିବା ବେଳେ ବିଦ୍ୟୁତ ବିଭ୍ରାଟ ଏହି କଷ୍ଟକୁ ଦ୍ୱିଗୁଣିତ କରୁଛି। କିଛି ଦିନ ପୂର୍ବରୁ ପ୍ରଶାସନ, ଗ୍ରାହକ ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ବିଦ୍ୟୁତ ବିଭ୍ରାଟ ହେବ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀ କହିଥିଲେ ମଧ୍ୟ ବିଦ୍ୟୁତ ବିଭ୍ରାଟ ପୂର୍ବବତ ଲାଗି ରହିଛି।

# ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଗଛ ବ୍ୟବହାର ପ୍ରତି କଟକଣା ଦାବି

**ପଦ୍ମପୁର, ୧୨।୬ (ସମିସ):** ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆଳରେ ହଜାର ହଜାର ଗଛ ବଳି ପଡୁଥିବା ଦେଖିବାକୁ ମିଳୁଛି। ସରକାର ବିଭିନ୍ନ ସଂଗଠନ ଦ୍ୱାରା ବୃକ୍ଷ ରୋପଣ କରୁଛନ୍ତି। ସୁସ୍ଥ, ସବଳ ଗଛ ଗୁଡ଼ିକ କାଟି ୨/୩ ଦିନ ଯଜ୍ଞ, ବିବାହ ଗୁଡିକରେ ବ୍ୟବହାର କରାଯାଉଛି। କାର୍ଯ୍ୟକ୍ରମ ସରିଗଲା ପରେ ତାକୁ ଅନ୍ୟତ୍ର ଅଧିକ ଦାମରେ ବିକ୍ରି କରାଯାଉଛି। ନାମ ସଂକୀର୍ତ୍ତନ ପାଇଁ ହଜାର ହଜାର ସଂଖ୍ୟକ ଗଛ କାଟି ଦିଆଯାଉଛି। ପ୍ରତ୍ୟେକ ସ୍ଥାନରେ କୀର୍ତ୍ତନ ମଣ୍ଡଳୀ, ବିବାହ ଆଦିରେ ବହୁ ସଂଖ୍ୟାରେ ଗଛ କାଟି ଦିଆଯାଉଛି। କିଛି ବର୍ଷ ପୂର୍ବରୁ ବନ ବିଭାଗର କଟକଣା ଥିବାରୁ ଗଛ କଟା କିଛି ମାତ୍ରାରେ କମ ଥିଲା। ବର୍ତ୍ତମାନ ଏହି କଟକଣାକୁ ଆଉ କେହି ମାନୁ ନାହାନ୍ତି। ଆଗାମୀ ଦିନରେ ବୃକ୍ଷ ରୋପଣ କରିବାକୁ ସଚେତନତାର ଆବଶ୍ୟକତା ରହିଛି। ସାମାନ୍ୟ ସ୍ୱାର୍ଥ ପାଇଁ ଯଜ୍ଞ ଆଳରେ ଗଛ କାଟି ପରିବେଶକୁ କଳୁଷିତ କରିବା ପ୍ରତି ବନ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ।

# ଜଗଦଲପୁରରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

**ପଦ୍ମପୁର, ୧୨।୬ (ସମିସ):** ପଦ୍ମପୁର ଉପଖଣ୍ଡ ଜଗଦଲପୁର ଅଲେଖ ମହିମା ଆଶ୍ରମରେ ବିଶ୍ୱର କଲ୍ୟାଣ ପାଇଁ ଅଖଣ୍ଡ ବିଶ୍ୱ ଶାନ୍ତି ବ୍ରହ୍ମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ଛତିଶଗଡ଼ ଓଡ଼ିଶାରୁ ଅନେକ ମହିମାଧର୍ମି ସାଧୁ, ଭକ୍ତ ଯୋଗଦାନ କରିଥିଲେ। ସମସ୍ତ ଅଲେଖ ମହିମା ଧର୍ମିମାନଙ୍କ ପାଇଁ ଆଶ୍ରମ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅହୋରାତ୍ର ଅଖଣ୍ଡଦୀପ ସହ ହୋମ ହୋଇଥିଲା। ରାତ୍ରରେ ଭଜନ ପରିବେଷଣ ସହ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ନିକଟସ୍ଥ ଗ୍ରାମରୁ ଶତାଧିକ ଦର୍ଶକ ମହିମା ପ୍ରଭୁଙ୍କ ଦର୍ଶନ କରିଥିଲେ। ନରୋତ୍ତମ ଭକ୍ତ, ଅବଧୁତ ଭକ୍ତ, ଗୋରଖନାଥ ଭକ୍ତ, ସାମାଜିକ କର୍ମୀ ସୁନୀଲ ପଟେଲ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ବରଗଡ଼ କ୍ରିଷ୍ଣା ବିକାଶରେ ନିଟ୍ ପରୀକ୍ଷାର ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ବରଗଡ଼, ୧୨।୬(ସମିସ) :** ଗତ ୪ ଜୁନରେ ପ୍ରକାଶିତ ଏନ୍‌ଟିଏ ନିଟ୍ (ୟୁଜି-ମେଡିକାଲ୍) ୨୦୨୪ ପରୀକ୍ଷାରେ ବରଗଡ଼ କ୍ରିଷ୍ଣା ବିକାଶର ୬୦୦ମାର୍କରୁ ଅଧିକ ରଖିଥିବା ୩୪ଜଣ ଛାତ୍ରଛାତ୍ରୀ ଏବଂ ତାଙ୍କର ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। କ୍ରିଷ୍ଣା ବିକାଶର ଚେୟାରମେନ ଡି.ମୂରଲୀ କ୍ରିଷ୍ଣା ଏନ୍‌ଟିଏ ନିଟ୍ (ୟୁଜି) ର ସଫଳତାର ସହିତ କ୍ରିଷ୍ଣା ବିକାଶ ଗ୍ରୁପର ୨୦୨୩-୨୪ ଶିକ୍ଷାବର୍ଷର ଅନ୍ୟାନ୍ୟ ବୋର୍ଡ଼ ଏବଂ ପ୍ରବେଶିକା ପରୀକ୍ଷା ଫଳାଫଳର ସମ୍ପୂର୍ଣ୍ଣ ବିବରଣୀ ସାମ୍ବାଦିକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ସମସ୍ତ କୃତୀ ଛାତ୍ରଛାତ୍ରୀ, ତାଙ୍କର ଅଭିଭାବକମାନଙ୍କୁ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ସହିତ ସମ୍ବର୍ଦ୍ଧିତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିନିୟର ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ ତଥା ସଫଳ ଛାତ୍ରଛାତ୍ରୀମାନଙ୍କର ନାମ ଘୋଷଣା କରିଥିଲେ। କ୍ରିଷ୍ଣା ବିକାଶ ସୁପର୍-୪୦ ନିଟ ଛାତ୍ର ଦିଗାମ୍ବର ସାହୁ, ପଦ୍ମପୁର, ଭେଡ଼ଁରିଆ ନିବାସୀ ନରେନ୍ଦ୍ର ସାହୁ ଓ ଭାରତୀ ସାହୁଙ୍କ ସୁପୁତ୍ର ୭୦୦ ମାର୍କ ସହ ସର୍ବଭାରତୀୟ ଓବିସି ବର୍ଗରେ ୭୮୭ ରେଙ୍କ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ୨୦୨୨-୨୪ ବେଚ୍‌ର ସନତ କୁମାର ମିଶ୍ର ତାଙ୍କର ପ୍ରଥମ ପ୍ରଚେଷ୍ଟାରେ ୬୯୧ ମାର୍କ, ସତ୍ୟମ ସାଇ ପୃଷ୍ଟି ୬୮୦ ମାର୍କ ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅନ୍ୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ପଳା ଦାଶ ୬୭୬, ଅଫିରା ନାଜ୍ ୬୭୧, ଅର୍ମାନ୍ ମେହେର ୬୭୧, ରୋହିତ କୁମାର ମେହେର ୬୭୧, ସାକେତ ବର୍ଲିଆ ୬୭୦, ପ୍ରତୀକ କୁମାର ପଣ୍ଡା ୬୬୫, ପ୍ରିତମ କୁମାର ମେହେର ୬୬୫, ସୌମ୍ୟା ବେହେରା ୬୬୧, ସିଦ୍ରତୁଲ୍ ମୁନ୍ତାହା ୬୫୯, ଅଭିଷେକ ସାହୁ ୬୫୬, ଅରିନ୍ ନନ୍ଦ ୬୫୫, ଆୟୁଷ ରଞ୍ଜନ ପାଣିଗ୍ରାହୀ ୬୫୫, ଖୁସି ପଣ୍ଡିତ ୬୫୫, ଶୁଭାଶିଷ ମିଶ୍ର ୬୫୫ ମାର୍କ ସହ ୬୫୦ ରୁ ଅଧିକ ମାର୍କ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ନିଟ୍ (ୟୁଜି) ପରୀକ୍ଷାରେ ମୋଟ୍ ୩୪ଜଣ ଛାତ୍ରଛାତ୍ରୀଙ୍କ ୬୦୦ ରୁ ଅଧିକ ମାର୍କ, ୬୮ ଜଣ ଛାତ୍ରଛାତ୍ରୀଙ୍କ ୫୦୦ରୁ ଅଧିକ ଓ ମୋଟ୍ ୨୩୦ ଜଣ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ଜେଇଇ ମେନ୍ସ୍ ପରୀକ୍ଷାରେ ୯୩ଜଣ ଛାତ୍ରଛାତ୍ରୀ, ଜେଇଇ ଏଡ୍‌ଭାନ୍ସ୍‌ଡ୍ ପରୀକ୍ଷାରେ ୪ଜଣ ଛାତ୍ରଛାତ୍ରୀ, ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ୭୨ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ, ସିବିଏସ୍‌ଇ ଦଶମ ଶ୍ରେଣୀର ୮୩ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ, ସିଏଚ୍‌ଏସ୍‌ଇ +୨ ପରୀକ୍ଷାରେ ୬ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ସଫଳ ହୋଇଛନ୍ତି। କାର୍ଯ୍ୟକ୍ରମ ଶେଷରେ କ୍ରିଷ୍ଣା ବିକାଶର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବରି ଅଧ୍ୟାପକ ପବିତ୍ର ମୋହନ ସାହୁ ଏବଂ ପାଷ୍ଟରାଲ୍ କେୟାର୍ ହେଡ୍ ନେଜ୍‌ଲିନ୍ ଫୋନ୍‌ସେକା ପ୍ରମୁଖ ମଞ୍ଚାସୀନ ଥିଲେ।

# ଶ୍ରୀନୃତ୍ୟମ୍ ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ପରୀକ୍ଷା

**ବରଗଡ଼/ଅମ୍ବାଭୋନା, ୧୨/୬( ସମିସ ):** ବରଗଡ଼ ଶ୍ରୀନୃତ୍ୟମ ଓଡିଶୀ ଡେନ୍ସ ଏକାଡେମୀର ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଓଡ଼ିଶୀ ଡେନ୍ସ ଗୁରୁ ରୁଣୁବାଳା କୁଅଁର ଏ ଅବସରରେ ଉପସ୍ଥିତି ଥିବା ବେଳେ ଅନୁଷ୍ଠାନର ପିପି୧, ପିପି୨, ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ, ତୃତୀୟ ବର୍ଷ ମିଶି ୨୮ ଜଣ ଛାତ୍ରଛାତ୍ରୀଙ୍କୁ ଓଡ଼ିଶୀ ନୃତ୍ୟର ମଞ୍ଚ ପ୍ରବେଶ, ମଙ୍ଗଳଚରଣ, ବସନ୍ତ ପଲ୍ଲବୀ, ଚୌକ, ତ୍ରିଭଙ୍ଗୀ, ଭୂମି ପ୍ରଣାମ, ଓଡ଼ିଶୀ ନୃତ୍ୟଗୁରୁ ସଂଯୁକ୍ତ ଓ ଅସଂଯୁକ୍ତ ହସ୍ତ ମୁଦ୍ରା, ତ୍ରୀଖଣ୍ଡି ପ୍ରଣାମ, ଅରସା, ପାଦଭେଦ, ଶେକ, ରୂପକ ତାଳ, ତ୍ରିପଟା ତାଳ, ଝମ୍ପା ତାଳ, ଏକତାଳି ବିଭିନ୍ନ ପ୍ରକାର ଓଡ଼ିଶୀ ନୃତ୍ୟ ସମ୍ପର୍କରେ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦ ପ୍ରକାଶପୁର, ଭୁକ୍ତା ଅମ୍ବାଭୋନା ର ନିର୍ଦ୍ଦେଶକ ରବିଶଙ୍କର ବେହେରା ମୁଖ୍ୟ ପରୀକ୍ଷକ ଭାବେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ନେଇଥିଲେ। ଏହା ବ୍ୟତୀତ ସୁରଥ କୁଅଁର ଏବଂ ମହନ୍ତ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ।



# ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

**ବରପାଲି, ୧୨।୬ (ସମିସ):** ବରପାଲିର ସମ୍ବଲପୁରୀ ବାନ୍ଧକଳାର ପ୍ରବାଦ ପୁରୁଷ ପଦ୍ମଶ୍ରୀ, ଶିଳ୍ପଗୁରୁ କୁଞ୍ଜ ବିହାରୀ



ମେହେରଙ୍କ ଷଷ୍ଠଦଶ ତମ ଶ୍ରାଦ୍ଧଦିବସ ପାଳନ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାଭାରତୀ ଟ୍ରଷ୍ଟ ମ୍ୟୁଜିୟମ ପରିସରରେ ଟ୍ରଷ୍ଟ ସଭାପତି ଡ. ରବୀନ୍ଦ୍ର କୁମାର ଗଡ଼ତିଆଙ୍କ ସଭାପତିତ୍ୱରେ ବୈଠକ ପରିଚାଳିତ ହୋଇଥିଲା। ଅନୁଷ୍ଠାନ ମେନେଜିଙ୍ଗ ଟ୍ରଷ୍ଟି, ଡ଼. ସୁରେନ୍ଦ୍ର ମେହେର ସ୍ୱାଗତ ଜଣାଇବା ସହ ଶ୍ରାଦ୍ଧତ୍ସୋବର ଆୟୋଜନ ଉପରେ ଅବଗତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମ୍ପାଦକ ଡ. ଶୁକମୁନି ମେହେର, ଟ୍ରଷ୍ଟି ହରିଚରଣ ଖଟୁଆ, ବୀରେନ୍ଦ୍ର ନାଥ ନାଗ, ମହେନ୍ଦ୍ର କୁମାର ମେହେର, ଗଦାଧର ସିଂହ, ଟେରାକୋଟା ଶିଳ୍ପୀ ମନବୋଧ ରଣା, ଅଧ୍ୟାପକ ରମାକାନ୍ତ ତ୍ରିପାଠୀ, ନବକିଶୋର ମେହେର, ତନ୍ମୟ ମେହେର ପ୍ରମୁଖ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଗାମି ୩୦ତାରିଖ ଶ୍ରାଦ୍ଧତ୍ସବ ସହ ସଭାକାର୍ଯ୍ୟ ଆୟୋଜନ ସମ୍ପର୍କିତ ଆଲୋଚନା ସହ ସିଦ୍ଧାନ୍ତ ନିଆଯାଇଥିଲା।

# ଦାଦନ ଶ୍ରମିକଙ୍କ ପରିବାରରେ ଦୁଃଖ

**ଦହିତା, ୧୨।୬ (ସମିସ)**

ପଦ୍ମପୁର ଉପଖଣ୍ଡ ଦହିଗାଁ ଠାରେ ଏକ ଦାଦନ ଶ୍ରମିକର କରୁଣ କାହାଣୀ ଦେଖିବାକୁ ମିଳିଛି। ଦହିଗାଁ କଲୋନିପଡ଼ାର ଦୁଆରୁ ବରିହା (୩୮) ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବରିହା ବହୁ ଦୁଃଖ କଷ୍ଟରେ

**ରୋଗଶଯ୍ୟାରେ ଦୁଆରୁ, ଚିକିତ୍ସା ପାଇଁ ଲକ୍ଷ୍ମୀଙ୍କ ନିବେଦନ**

ଦିନ କାଟୁଛନ୍ତି। ସୁସ୍ଥ ସମୟରେ ଦୁଆରୁ ଦିନ ମଜୁରିଆ କାମ କରି ପରିବାର ପରିପୋଷଣ କରୁଥିଲେ। କିନ୍ତୁ ଚଳିତ ବର୍ଷ କାମ ଧନ୍ଦା ନପାଇ ଉଭୟେ ଅନ୍ୟ ରାଜ୍ୟକୁ ଇଟା ଭାଟିରେ କାମ କରିବା ପାଇଁ ଯାଇଥିଲେ। ସେଠାରେ



ଭଗବାନଙ୍କ ଇଚ୍ଛା ଅନ୍ୟ ପ୍ରକାର ଥିଲା। ଦୁଆରୁର ସ୍ୱାସ୍ଥ୍ୟ ଖରାପ ହେବାରୁ ଗାଁକୁ ଚାଲି ଆସିଲେ। ଗାଁରେ କ୍ରମଶଃ ସ୍ୱାସ୍ଥ୍ୟ ଆହୁରି ବିଗିଡ଼ିବାରେ ଲାଗିଲା। କାମଧନ୍ଦା କରି ନପାରି ଶଯ୍ୟାଶାୟୀ ହେଲା। ପାଖରେ ଥିବା କିଛି ଅର୍ଥ ନିକଟସ୍ଥ ପଦ୍ମପୁର, ବରଗଡ଼ ମେଡିକାଲ ଖର୍ଚ୍ଚରେ ନିଅଣ୍ଟ ହେଲା। ଘରେ ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ। ସ୍ତ୍ରୀ ଅନ୍ୟ ଘରେ କାମ କରି ମାଗିଯାଚି ଯାହା ଆଣେ ସେଥିରେ ଦୁଇ ପ୍ରାଣୀ ଚଳିବା କଷ୍ଟକର, ଔଷଧ କିଣିବାକୁ ଅର୍ଥ ନାହିଁ। ଦୁଆରୁର ସମସ୍ତ କାମ ତାର ସ୍ତ୍ରୀ କରିବାକୁ ହେଉଛି। ସେ ନିଜେ ବିଛଣାରୁ ଉଠି ପାରୁନାହିଁ। ଅନ୍ୟ ସାହାରାରେ ଉଠୁଛି। ଏପରି ସ୍ଥିତିରେ ସ୍ୱାମୀକୁ ଜଗି ରହିବ ନା ବାହାରକୁ କାମ କରିବାକୁ ଯିବେ ସେନେଇ ଦ୍ୱନ୍ଦରେ ରହିଛି ଲକ୍ଷ୍ମୀ। ପ୍ରଶାସନ ତାଙ୍କ ପରିବାର ପ୍ରତି ସହାନୁଭୂତିଶୀଳ ହୋଇ ଯଦି କିଛି ଆର୍ଥିକ ସହଯୋଗ କରନ୍ତେ ତେବେ ସ୍ୱାମୀଙ୍କୁ ଚିକିତ୍ସା କରି ପାରନ୍ତେ ବୋଲି ଲକ୍ଷ୍ମୀ ଅନୁରୋଧ କରିଛନ୍ତି। ଯେଉଁ ସହୃଦୟ ବ୍ୟକ୍ତି ଏହି ଅସହାୟ ପରିବାରକୁ ଯଦି ସାହାଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ତେବେ ୭୮୫୪୦୮୦୫୫୮ ନମ୍ବରରେ ଯୋଗାଯୋଗ କରିପାରିବେ।

# ବିକାଶ ନାମରେ ବୃକ୍ଷର ବିନାଶ

**ଝାରବନ୍ଧ, ୧୨।୬(ସମିସ):** ଝାରବନ୍ଧ ପାଇକମାଲ ରାସ୍ତାର ଉନ୍ନତିକରଣ କରାଯାଉଛି। ଆଗାମୀ ଦିନରେ ରାସ୍ତାର ଆବଶ୍ୟକତା ରହିଛି। ତେଣୁ ରାସ୍ତା ନିର୍ମାଣକୁ ସ୍ୱାଗତ କରାଯାଉଛି। କିନ୍ତୁ ରାସ୍ତା ନିର୍ମାଣ ଆଳରେ ବହୁ ବଡ଼ ବଡ଼ ଗଛ କଟା ଯାଉଛି। ରାସ୍ତା ନିର୍ମାଣ ମଝିରେ ଥିବା ଗଛ ଗୁଡିକୁ କାଟି ଦେବାକୁ କେହି ପ୍ରତିବାଦ କରୁନାହାନ୍ତି। ରାସ୍ତା ପାର୍ଶ୍ୱ ଶେଷ ସୀମାରେ ବ୍ୟାପକ ବୃକ୍ଷ ଛେଦନ କରାଯାଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବେଳେ ପଥିକମାନେ ରାସ୍ତା ପାର୍ଶ୍ୱ ଗଛ ଛାଇରେ ସାମାନ୍ୟ ଆଶ୍ୱସ୍ତି ହେଉ ଥିଲେ। ଗ୍ରୀଷ୍ମ ସମୟରେ ପାନୀୟ ଜଳ ସଙ୍କଟରୁ ରାସ୍ତା କଡ଼ ଫଳ ଖାଇ କିଛି ସମୟ ଗ୍ରୀଷ୍ମ କଷ୍ଟ ଲାଘବ କରୁଥିଲେ। ଏବେ ବିକାଶ ନାମରେ ବଡ଼ ବଡ଼ ଗଛ କାଟି ଦିଆଯାଉଥିବାରୁ ଏହା ବିନାଶ ଆଡ଼କୁ ଯାଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



ଛାୟାଗୀତି


ସୂର୍ଯ୍ୟ ଦେଓ

# ଗୀତି ସୁରେ ମନ ଝୁରେ
# ଶାସ୍ତ୍ରୀୟ ଆରୋପଣ


'ଅରୁନ୍ଧତୀ' ଚଳଚ୍ଚିତ୍ର ଗୀତ ଦୃଶ୍ୟରେ ମିନତି ଓ ବ୍ରଜ

ଓଡ଼ିଆ ସିନେଗୀତି ପ୍ରବାହରେ ଯେବେ ଯେବେ ଶାସ୍ତ୍ରୀୟ ସ୍ୱରର ସଂଯୋଗ ହୋଇଛି, ସେବେ ସେବେ ସେହି ସଂଯୋଗରେ ଆଳଙ୍କାରିକ ସ୍ପନ୍ଦନ ଶୁଭିଛି । ଶାସ୍ତ୍ରୀୟ ଅଳଙ୍କାରର ଛନ୍ଦ, ବନ୍ଧରେ ଓଡ଼ିଆ ସିନେଗୀତ ଆହୁରି ଚକ୍‌ଚକ୍, ଝଲମଲ୍ କରିଛି । ଶାସ୍ତ୍ରୀୟ ରାଗ କ'ଣ? ଏହାର ଉତ୍ତରରେ କୁହାଯାଇପାରେ 'ରାଗ' ହେଉଛି ଭାରତୀୟ ସଂଗୀତର ଲୟ, ଯାହା ଉପରେ ଆଧାରିତ ହୁଏ 'କୃତି' । 'ରାଗ' ହେଉଛି ସ୍ୱରର ଆରୋହଣ ଓ ଅବରୋହଣର ଅନୁଶାସନ, ଯାହାର ସଂପୃକ୍ତିରେ ସଂଗୀତ ରଚନା କରାଯାଏ । ପାଶ୍ଚାତ୍ୟ ସଙ୍ଗୀତରେ 'ଇମ୍ପ୍ରୋଭାଇଜେସନ୍' ମଧ୍ୟ ଏହି ପ୍ରକାର ପଦ୍ଧତି । ସର୍ବନିମ୍ନ ୫ ଏବଂ ସର୍ବାଧିକ ୭ ସ୍ୱର ମିଶି ହୁଏ 'ରାଗ' । ଏହାକୁ ଗାୟନ କରିହେବ, ବାଦନ ମଧ୍ୟ କରିହେବ । କୌଣସି ରାଗ ବିଶେଷକୁ ବିଭିନ୍ନ ପ୍ରକାରରେ ଗାୟନ/ବାଦନ କରି ତାହାର ଲକ୍ଷଣକୁ ସୂଚାଇ ହେବ । କୌଣସି ଆଳାପ ବା ପ୍ରବନ୍ଧ ବା ଗୀତରେ ସେହି ରାଗ ବିଶେଷର ସ୍ୱରକୁ ଅନୁଶାସନରେ ଗାୟନ କରାଯାଏ । 'ସାମବେଦ'ରେ ରାଗର ପ୍ରାଚୀନତମ ଉଲ୍ଲେଖ ରହିଛି । ସୁଗମ ସଂଗୀତ ଓ ଅର୍ଦ୍ଧଶାସ୍ତ୍ରୀୟ ଗାୟନ ଶୈଳୀରେ ମଧ୍ୟ ରାଗର ଛାୟା ରହେ । ମୂଳ ରୂପରେ 'ମେଳ'ରୁ ରାଗର ବିଭାଜନ କରାଯାଏ । ଓଡ଼ିଶୀ ପଦ୍ଧତିରେ ୧୦ଟି ମେଳର ପ୍ରୟୋଗ ହେଉଛି, କର୍ଣ୍ଣାଟକୀ ପଦ୍ଧତିରେ ୭୨ । ହିନ୍ଦୁସ୍ତାନୀ ପଦ୍ଧତିରେ ମେଳକୁ କୁହାଯାଏ 'ଥାଟ୍', ଏହି ପଦ୍ଧତିରେ ମଧ୍ୟ ରହିଛି ୧୦ଟି 'ଥାଟ୍' । ଆହୁରି ସଂଯୋଗ ଦେଖନ୍ତୁ, ଏହି ପ୍ରବାହ ଆରମ୍ଭ ହୋଇଛି ଓଡ଼ିଆ ସିନେ ଗୀତର ଜନ୍ମକାଳରୁ । ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ଗୀତ ରେକର୍ଡ ଚାରିଟି ଖଣ୍ଡରେ ୧୯୩୬ ମସିହାରେ ରିଲିଜ୍ ହୋଇଥିଲା । ରେକର୍ଡର ପ୍ରତି ପାର୍ଶ୍ୱର ଅବଧି ସାଢ଼େ ତିନି ମିନିଟ୍ । ସଙ୍ଗୀତକାର :ରାଧାରମଣ ରାୟ । ସମଗ୍ର ଗୀତ ସଂଖ୍ୟା ଚଉଦ । ଆଉ ଏହି ଗୀତସବୁରେ ଥିଲା ଓଡ଼ିଶୀ ରାଗ ସଙ୍ଗୀତ, ଓଡ଼ିଶୀ ରାଗ ସଙ୍ଗୀତର ଶୁଦ୍ଧ ଗାୟନ ଶୈଳୀ, ଛାନ୍ଦ, ଜଣାଣ, ନାଟକୀୟ କୀର୍ତ୍ତନ ସ୍ୱର ଏବଂ ଗୀତିନାଟ୍ୟ ଧାରା । ପାଲାର ସାଙ୍ଗୀତିକ ଆବୃତ୍ତି ମଧ୍ୟ ଏଥିରେ ରହିଛି । ପିଲୁ, ଶଙ୍କରାଭରଣ ଓ ଚୋଖି ଆଦି ରାଗର ବ୍ୟବହାର କରାଯାଇଛି । ହଁ, ସେତେବେଳେ ଅବଶ୍ୟ 'ଓଡ଼ିଶୀ'ର ନାମକରଣ ହୋଇ ନଥିଲା, କିନ୍ତୁ ତାହା ଶୁଦ୍ଧ ଶାସ୍ତ୍ରୀୟ ଛନ୍ଦରେ ଛନ୍ଦି ହୋଇଥିଲା । 'ସୀତା ବିବାହ'ର 'ଶୁଭେ ସୀମାଞ୍ଜନୀ ଧ୍ୱନି' ଗୀତ ଏହାର ସାକ୍ଷୀ । ଯେଉଁ ଶାସ୍ତ୍ରୀୟ ଧ୍ୱନି ଆସିଥିଲା ପ୍ରଥମ ସିନେ ଓଡ଼ିଆ ଗୀତରେ, ତାହା ଦୀର୍ଘବର୍ଷ ପର୍ଯ୍ୟନ୍ତ ଅନ୍ୟ ସିନେଗୀତରେ ମଧ୍ୟ ବିସ୍ତାରି ଥିଲା । ଯେଉଁ ପର୍ଯ୍ୟନ୍ତ ବିସ୍ତୃତି ଥିଲା ସେ ପର୍ଯ୍ୟନ୍ତ ସମୟଧାରାର ଗୀତକୁ ମନ ବେଶି ବେଶି ଝୁରେ, ସେହି ଝରାଗୀତି ବେଶି ବେଶି ମାଧୁର୍ଯ୍ୟ ଆଣେ ।

ବିଶେଷ କଥା ହେଉଛି, ଯେଉଁ ସିନେ ଗୀତିରେ ଶୁଦ୍ଧ ଓଡ଼ିଶୀ ଶାସ୍ତ୍ରୀୟ ପ୍ରୟୋଗ ରହିଛି, ସେହି ଗୀତସବୁ ଆହୁରି ବିଶୁଦ୍ଧ ହେବା ତ ସ୍ୱାଭାବିକ କଥା, କିନ୍ତୁ ଯେଉଁ ଗୀତରେ ନୂଆ ଜହ୍ନର କ୍ଷୀଣ ଛିଟା ଭଳି ଶାସ୍ତ୍ରୀୟ ସଂଗୀତ ଚହଟି ଯାଇଛି, ସେହି ଗୀତ ଆହୁରି ଐନ୍ଦ୍ରଜାଲିକ ହୋଇଛି । ବୋଧହୁଏ, ଏହା ଓଡ଼ିଶୀ ଶାସ୍ତ୍ରୀୟଠାରୁ ଆହୁରି ମିଠା, ଆହୁରି ମାଦକଭରା । ଏହା ଓଡ଼ିଆ ସିନେମା ଗୀତର ପରୀକ୍ଷା ନିରୀକ୍ଷାର ଇନ୍ଦ୍ରଜାଲ । ■



## 'ରାହା' ନାଁରେ ରଣବୀରଙ୍କ ଟାଟୁ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର କିଛି ନା କିଛି ଖବର ପାଇଁ ଚର୍ଚ୍ଚାରେ ରହିଥାନ୍ତି । ଏହି କ୍ରମରେ ଏବେ ସେ ତାଙ୍କ ଟାଟୁ ପାଇଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ରଣବୀର ନିଜ କାମରେ ବ୍ୟସ୍ତ ରହୁଥିଲେ ବି ପରିବାରକୁ ସମୟ ଦେଇଥାନ୍ତି । ସେହିପରି ସେ ତାଙ୍କ ଝିଅ ରାହାକୁ ଖୁବ୍ ଭଲପାଆନ୍ତି । ଏବେ ରଣବୀରଙ୍କ ଏକ ନୂଆ ଫଟୋ ଭାଇରାଲ ହୋଇଛି । ଯେଉଁଥିରେ ସେ ରାହାକୁ କେତେ ଭଲପାଆନ୍ତି, ସେକଥା ସ୍ପଷ୍ଟ ହୋଇଛି । ସେ ତାଙ୍କ ବେକରେ ରାହା ନାଁରେ ଯେଉଁ ଟାଟୁ କରିଛନ୍ତି, ତାହା ଦେଖିବାକୁ ଖୁବ୍ ଷ୍ଟାଇଲିସ୍ ଲାଗୁଛି । ସେହିପରି ତାଙ୍କର ଏହି ନୂଆ ଫଟୋକୁ ତାଙ୍କ ହେୟାର୍ ଷ୍ଟାଇଲିଷ୍ଟ ଆଲିମ୍ ହକିମ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି । ଏଥିରେ ରଣବୀର ବ୍ଲାକ୍ ବାଥ୍‌ରୋବ୍‌ରେ ନଜର ଆସିଛନ୍ତି । ତା'ସହ ତାଙ୍କ ନୂଆ ହେୟାର୍ ଷ୍ଟାଇଲ୍ ଦେଖିବାକୁ ମିଳିଛି । ସେ ସନ୍‌ଗ୍ଲାସ୍‌ରେ ଖୁବ୍ ସୁନ୍ଦର ମଧ୍ୟ ଲାଗୁଛନ୍ତି । କେବଳ ସେତିକି ନୁହେଁ, ବେକରେ ରାହା ନାଁରେ କରିଥିବା ଟାଟୁ ମଧ୍ୟ ସ୍ପଷ୍ଟ ଭାବେ ନଜର ଆସିଛି । ଅବଶ୍ୟ ଏହି ଟାଟୁ ସେ ଗତବର୍ଷ କରିଥିଲେ । ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି । ■

ଟେଲିଭିଜନ୍ ପ୍ରିମିୟର୍

## 'ରାଉଡ଼ି ରାଜା' ଏବଂ 'ବୋହୂ ଆମର ମେଟ୍ରିକ୍ ଫେଲ୍'

ରଜ ସଂକ୍ରାନ୍ତିରେ ସିଦ୍ଧାର୍ଥ ଟିଭିରେ ଦିନ ୨ଟାରେ ଟେଲିଭିଜନ ପ୍ରିମିୟର୍ ହେବ 'ରାଉଡ଼ି ରାଜା' । ରମେଶ ରାଉତଙ୍କ ନିର୍ଦ୍ଦେଶିତ ଏବଂ କଳ୍ପନା ସିଂହଙ୍କ ପ୍ରଯୋଜିତ ଏହି ସିନେମା ପୂର୍ବରୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିସାରିଛି । ଯେଉଁମାନେ ସିନେମାଟିକୁ ହଲ୍‌ରେ ଦେଖି ପାରି ନାହାନ୍ତି, ସେମାନେ ଏହାକୁ ଟେଲିଭିଜନରେ ଦେଖିପାରିବେ । ସିନେମାର ନାୟକ ଭୂମିକାରେ ସୋହମ୍ ସିଂହ ଏବଂ ନାୟିକା ଭୂମିକାରେ ଅଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ । ସିନେମାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରଞ୍ଜନ । ସିନେମାର ବିଭିନ୍ନ ଚରିତ୍ରରେ ବବି ମିଶ୍ର, ପପି ସନ୍ତୁକା, ଅକ୍ଷୟ ବସ୍ତିଆ, ଚୌଧୁରୀ ବିକାଶ ଦାସ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ଶେଷ ରଜ ଅର୍ଥାତ୍ ଜୁନ୍ ୧୬ରେ ଜି-ସାର୍ଥକରେ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ଆମର ମେଟ୍ରିକ୍ ଫେଲ୍' । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତ୍ରୀ ନିକିତା ଓ ଅଭିନେତା ରାକେଶ । ଏଥିରେ ନିକିତା ଗୌରୀ ଚରିତ୍ରରେ ଅଭିନୟ କରିଛନ୍ତି ଏବଂ ରାକେଶ ବିବେକ ଚରିତ୍ରରେ ଅଛନ୍ତି । ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପ୍ରଯୋଜନାରେ ଅଛନ୍ତି ସୁନୀଲ ପଟ୍ଟନାୟକ । ସେହିପରି ସିନେମାର ବିଭିନ୍ନ ଚରିତ୍ରରେ ଜୟ ପ୍ରକାଶ ପୁଷ୍ପାଞ୍ଜଳି, ଅନନ୍ତ ମିଶ୍ର, ଚୌଧୁରୀ ଦାସଙ୍କୁ ଦେଖିବାକୁ ମିଳିବ । ■



## ନୂଆ ରୂପରେ 'ଦିଦି ନମ୍ବର ୧'

'ଜି-ସାର୍ଥକ'ରେ ପ୍ରସାରିତ ଦିଦି ନମ୍ବର ୧ କୁ ଦର୍ଶକଙ୍କର ଖୁବ୍ ଭଲପାଇବା ମିଳିଛି । ଏହାର ବହୁଳ ଆଦୃତକୁ ଦେଖି ଜୁନ୍ ୧୭ରେ ପୁଣି ଥରେ ନୂଆ ରୂପରେ ପ୍ରସାରିତ ହେବ 'ଦିଦି ନମ୍ବର ୧' । ଅବଶ୍ୟ ପୂର୍ବ ସିଜିନ୍ ତୁଳନାରେ ଏଥର ସବୁ କିଛି ନୂଆ ଓ ନିଆରା ହେବ ବୋଲି ଏହାର ପ୍ରମୋ ଭିଡିଓରୁ ଏକପ୍ରକାର ସ୍ପଷ୍ଟ ହୋଇଛି । ସେହିପରି ଏଥର ଦିଦି ନମ୍ବରର ପ୍ରତିଭା ଏବଂ ଦକ୍ଷତାର ମଞ୍ଚ ପାଲଟିବ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀଙ୍କୁ ଏଥିରେ ଦେଖିବାକୁ ମିଳିବ । ସୋମବାରରୁ ଶନିବାର ଏହା ସନ୍ଧ୍ୟା ୫ଟାରେ ପ୍ରସାରିତ ହେବ । ■








## 'ବିଗ୍‌ବସ୍ ଓଟିଟି-୩'ରେ ଅନିଲ୍

ରିଆଲିଟି ଶୋ' ବିଗ୍‌ବସ୍ ଓଟିଟିର ତୃତୀୟ ସିଜନ୍‌କୁ ଦର୍ଶକେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି । ଏଥର ଏହି ଶୋ'କୁ ପରିଚାଳନା ଅଭିନେତା ସଲମାନ ଖାନ୍ କରିବେ ନାହିଁ । ଏବେ ସଲମାନଙ୍କ ସ୍ଥାନ ନେଇଛନ୍ତି ଅଭିନେତା ଅନିଲ କପୁର । ଅବଶ୍ୟ ଏହାର ପୂର୍ବ ଦୁଇଟି ସିଜନ୍‌କୁ ସଂଚାଳନ କରିଥିଲେ ସଲମାନ । ସେହିପରି ତୃତୀୟ ସିଜନ୍‌ର ଟିଜର୍‌କୁ ଜାରି କରାଯାଇଛି । ଯେଉଁଥିରେ ଅନିଲଙ୍କ ଝଲକ୍ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, ତାଙ୍କର ଦମ୍‌ଦାର୍ ସ୍ୱର ମଧ୍ୟ ଶୁଣିବାକୁ ମିଳିଛି । ଏହାର ଟିଜର୍‌ରେ ଲେଖାଯାଇଛି, 'ପାଣିପାଗ ବଦଳିବ, ତାପମାତ୍ରା ବଦଳିବ, ଅନିଲ କପୁରଙ୍କ ଆଗମନରେ ଏବେ ସବୁ ବଦଳିବ । ଆମ ହୋଷ୍ଟ ଅନିଲ କପୁରଙ୍କ ସହିତ ବିଗବସ୍ ଓଟିଟି-୩ର ଏହି ସ୍ୱତନ୍ତ୍ର ସିଜନ୍ ପାଇଁ ପ୍ରସ୍ତୁତ ରୁହନ୍ତୁ ।' ଜୁନ୍ ୨୧ରୁ ଜିଓ ସିନେମାରେ ରାତି ୯ଟାରେ ଏହାର ପ୍ରିମିୟର୍ ହେବ । ତେବେ ଅନିଲ ଶୋ' ସଞ୍ଚାଳନ କିଭଳି ଭାବେ କରୁଛନ୍ତି, ତାହା ଆଗାମୀ ଦିନରେ ଜଣାପଡ଼ିବ । ■

## ସୋନାକ୍ଷୀଙ୍କ ବାହାଘର

ବାହା ହେବେ ବଲିଉଡ୍‌ର ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା । ଫିଲ୍ମ 'ହୀରାମଣ୍ଡି'ର ସଫଳତାରେ ଖୁସି ଥିବା ସୋନାକ୍ଷୀ ବିବାହ ପାଇଁ ଚର୍ଚ୍ଚାରେ ଅଛନ୍ତି । ସେ ଦୀର୍ଘଦିନ ହେବ ଅଭିନେତା ଜହିର୍ ଇକବଲ୍‌ଙ୍କୁ ଡେଟ୍ କରି ଆସୁଥିଲେ । ଏପରିକି ଦୁହିଁଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳୁଥିଲା । ତେବେ ଏବେ ସୋନାକ୍ଷୀ ତାଙ୍କୁ ହିଁ ବିବାହ କରିବା ନିଷ୍ପତ୍ତି ନେଇଛନ୍ତି । ଜୁନ୍ ୨୩ରେ ସେ ଜହିର୍‌ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ । ମୁମ୍ବାଇରେ ଉଭୟଙ୍କ ପରିବାର ସଦସ୍ୟ ଓ ଅନ୍ତରଙ୍ଗ ବନ୍ଧୁଙ୍କ ଉପସ୍ଥିତିରେ ହିଁ ସେମାନଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ଅବଶ୍ୟ ପ୍ରଥମଥର ପାଇଁ ସୋନାକ୍ଷୀ ତାଙ୍କ ବିବାହ ତାରିଖକୁ ନେଇ ଚର୍ଚ୍ଚାରେ ଅଛନ୍ତି ତାହା ନୁହେଁ, ଗତବର୍ଷ ମଧ୍ୟ ଏଭଳି ଖବରକୁ ନେଇ ଚର୍ଚ୍ଚାରେ ରହିଥିଲେ । ଏବେ ଦେଖିବାକୁ ବାକି ରହିଲା, ସୋନାକ୍ଷୀ ସତରେ ଜୁନ୍ ୨୩ରେ ବାହା ହେଉଛନ୍ତି ନା ଏହି ତାରିଖ ପୁଣି ଥରେ ଘୁଞ୍ଚୁଛି । ■

ପରଦା ପଛର କାହାଣୀ

## ଫୋଲେ କଳାକାରଙ୍କ ଚମତ୍କାରିତା

ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ ଏଡିଟିଂ

ଫିଲ୍ମ ଦୁନିଆରେ ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦାୟିତ୍ୱକୁ ନିର୍ବାହ କରିଥାନ୍ତି, ଜଣେ ଜଣେ ଫୋଲେ କଳାକାର । ଯେଉଁମାନେ ସର୍ବଦା କ୍ୟାମେରା ଅନ୍ତରାଳରେ ରହି ନିଜର ଶବ୍ଦ ଦ୍ୱାରା ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି । ଏଭଳି କଳାକାରଙ୍କ ଯୋଗୁଁ ହିଁ ଆମେ ଦେଖୁଥିବା ଫିଲ୍ମରେ ଅଭିନେତା ଅଭିନେତ୍ରୀଙ୍କ ଅଭିନୟ ଅଧିକ ଜୀବନ୍ତ ତଥା ଆକର୍ଷଣୀୟ ଲାଗିଥାଏ । ସେ ଡାଇଲଗ୍ ହେଉ ଅବା ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ, ସବୁଠି ରହିଥାଏ ସେମାନଙ୍କର ସ୍ୱତନ୍ତ୍ର ଛାପ । ତେବେ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ ପାଇଁ କାହାଣୀଠୁ ନେଇ ଅଭିନେତା, ଅଭିନେତ୍ରୀ ଅଭିନୟ ସମେତ ଗୀତର ଯେତିକି ଭୂମିକା ରହିଛି, ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡର ମଧ୍ୟ ସେତିକି ଗୁରୁତ୍ୱ ରହିଛି । ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ ବିନା ଚଳଚ୍ଚିତ୍ର ଅଧୁରା । ବର୍ଷା ହେଉ ଅବା ଘୋଡ଼ାର ଟାପୁ ଶବ୍ଦ, କବାଟ ଖୋଲିବା ଅବା କୌଣସି ବିସ୍ଫୋରଣ ଶବ୍ଦ ଇଫେକ୍ଟ ଆଦି ଫୋଲେ କଳାକାରମାନେ ଫିଲ୍ମ ସୁଟିଂ ହେବା ପରେ ପୋଷ୍ଟ ପ୍ରଡକ୍ସନ୍ ସମୟରେ କରିଥାନ୍ତି । ଅଭିନେତାଙ୍କ ଭଳି ଫୋଲେ କଳାକାରମାନେ ମଧ୍ୟ କଠିନ ପରିଶ୍ରମ କରିଥାନ୍ତି । ଫୋଲେ କଳାକାରମାନେ ଫିଲ୍ମ ସୁଟିଂ ଶେଷ ହେବା ପରେ, ପୋଷ୍ଟ ପ୍ରଡକ୍ସନ୍ ସମୟରେ ଯେଉଁ ସାଉଣ୍ଡ ଭଲରେ ରେକର୍ଡ ହୋଇନଥାଏ, ତାହାକୁ ପୁନର୍ବାର ରେକର୍ଡ କରି ପ୍ରାକୃତିକ ଇଫେକ୍ଟ ଦେଇଥାନ୍ତି । ଯେମିତି କବାଟ ଖୋଲିବା, ଚପଲ ଶବ୍ଦ, ଶିଡ଼ିରୁ ଓହ୍ଲାଇବା ସମେତ ଘୋଡ଼ା ଦୌଡ଼ିବାର ଶବ୍ଦ ପ୍ରାକୃତିକ ଉପାୟରେ ସୃଷ୍ଟି କରିଥାନ୍ତି । ତେବେ ଏହି ସାଉଣ୍ଡ ସୃଷ୍ଟି କରିବା ପାଇଁ କୌଣସି ବାଦ୍ୟ ଯନ୍ତ୍ର କିମ୍ବା ଅନ୍‌ଲାଇନ୍ ଉପକରଣ ତଥା ଧ୍ୱନିର ବ୍ୟବହାର କରାଯାଏ ନାହିଁ । ବରଂ ଫୋଲେ କଳାକାରମାନେ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଜିନିଷକୁ ଉପଯୋଗ କରି ଏପରି ଶବ୍ଦ ସୃଷ୍ଟି କରିଥାନ୍ତି । ଏଥିପାଇଁ ସେମାନେ ଭିନ୍ନ ଭିନ୍ନ ପ୍ରକାର ଜିନିଷ ବ୍ୟବହାର କରିଥାନ୍ତି । ଯେପରି ଚାଲିବା ଶବ୍ଦ ପାଇଁ ଜୋତା ବ୍ୟବହାର କରିବା,ରୋଷେଇ ଘରେ କୌଣସି ଜିନିଷ ପଡ଼ିବାର ଶବ୍ଦ ସୃଷ୍ଟି ପାଇଁ ପରଦା ପଛରେ ଡବାଗୁଡ଼ିକୁ ତଳକୁ ପକାଇଥାନ୍ତି । ସେହିପରି ବର୍ଷାର ଶବ୍ଦ ପାଇଁ ବାଲ୍‌ଟିରୁ ପାଣି ତଳକୁ ଫୋପଡ଼ା ଯାଏ । ଏହିପରି ଜିନିଷର ବ୍ୟବହାର କରି ପ୍ରାକୃତିକ ଶବ୍ଦ ସୃଷ୍ଟି କରିଥାନ୍ତି । ତେବେ ଏକ ରିପୋର୍ଟ ଅନୁସାରେ କରଣ ଅର୍ଜୁନ ସିଂ ଜଣେ ପ୍ରସିଦ୍ଧ ଫୋଲେ କଳାକାର ଭାବେ ଜଣାଶୁଣା । 'ଜବ୍ ଉଇ ମେଟ୍', 'ସୁଲତାନ୍', 'ଟାଇଗର୍ ଜିନ୍ଦା ହେ', 'ନିର୍ଯା' ଓ 'ବାହୁବଳୀ' ସମେତ ବିଭିନ୍ନ ଚଳଚ୍ଚିତ୍ରରେ ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ ଦେଇ ସେ ବେଶ୍ ଲୋକପ୍ରିୟତା ସାଉଁଟିଛନ୍ତି । ■



## ଫ୍ରାଇଡେ ରିଲିଜ୍

୧୪ ଜୁନ୍, ଶୁକ୍ରବାର (ହିନ୍ଦୀ)




### ଚନ୍ଦୁ ଚାମ୍ପିଅନ୍

**ନିର୍ଦ୍ଦେଶକ:** କବୀର ଖାନ୍
**ପ୍ରଯୋଜକ:** ସାଜିଦ୍ ନାଦିଆଡୱାଲା
**କଳାକାର:** କାର୍ତ୍ତିକ ଆର୍ଯ୍ୟନ, ଶ୍ରଦ୍ଧା କପୁର, କ୍ୟାଟ୍ରିନା କୈଫ୍

### ଗୌରୀଶଙ୍କର ମନ୍ଦିରକୁ ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ

# ୨ଶହ କଳାକାରଙ୍କ ସହ ରାଜ୍ୟ ବାହାରର ସାଂସ୍କୃତିକ ଦଳ ସାମିଲ





**ବରଗଡ଼, ୧୨।୬ (ସମିସ)**

ବରଗଡ଼ ଗୌରୀଶଙ୍କର ମନ୍ଦିର ଶୀତଳ ଷଷ୍ଠୀ ମହୋତ୍ସବର ରୌପ୍ୟ ଜୟନ୍ତୀ ଧୁମଧାମରେ ପାଳିତ ହୋଇଥିଲା।ଗତ କାଲି ଦେବଦମ୍ପତି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ଉତ୍ସବ ସମାପ୍ତ ହୋଇଛି। ସମ୍ପୂର୍ଣ୍ଣ ରୀତିନୀତିରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ କନ୍ୟା ମାତାପିତା ସତ୍ୟଜିତ କର ଓ ଲୀକା କରଙ୍କ ବାସଗୃହରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଶକ୍ତି ନଗର ସ୍ଥିତ ସାଇ ମନ୍ଦିରକୁ ଶିବାନନ୍ଦନଗର ପଡ଼ାବାସୀ ଏକ ଶୋଭାଯାତ୍ରାରେ ଆସିଥିଲେ। ସନ୍ଧ୍ୟାରେ ସାଇ ମନ୍ଦିରରେ ମହା ଆରତୀ ସହ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଘଣ୍ଟପାର୍ଟି, କରମାନାଚ, ମଗରଡେନ୍ସ, ଡାପ, ଆଘୋରିଡାନ୍ସ, (ଏଲାହବାଦ୍), ଆଦିବାସୀ ନୃତ୍ୟ, ବିହୁ ନୃତ୍ୟ, କାଳି ମାତା ନୃତ୍ୟ, ହନୁମାନ ବେଶ, ଓଡ଼ିଶୀ, ବାଘନାଚ, ଭୂତନାଚ ସହ ବହୁ ସାଂସ୍କୃତିକ ଦଳ ଯୋଗ ଦେଇଥିଲେ। ଶକ୍ତିନଗର ଠାରୁ ଶୋଭାଯାତ୍ରା ବାହାରି ଏସପି ଅଫିସ ଛକ, ଷ୍ଟେଟ ବ୍ୟାଙ୍କ ଛକ, କଚେରିଛକ, ସରକାରୀ ବସଷ୍ଟାଣ୍ଡଛକ, ଥାନା ଛକ ଦେଇ ଗୌରୀ ଶଙ୍କର ମନ୍ଦିରକୁ ଦେବଦମ୍ପତି ବିଳମ୍ବିତ ରାତ୍ରିରେ ପ୍ରତ୍ୟାବର୍ତ୍ତନ କରିବା ସହ ବନ୍ଦାପନା ସରିବା ପରେ ମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଶୋଭାଯାତ୍ରା ସମୟର ପ୍ରବଳ ଗରମକୁ ଦୃଷ୍ଟି ଦେଇ ସମସ୍ତଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ହୋଇଥିଲା। ୨୦ ହଜାରରୁ ଅଧିକ ଭକ୍ତଙ୍କ ପାଇଁ ବରଗଡ଼ର ବିଶିଷ୍ଟ ସମାଜସେବୀ ଡାକ୍ତର ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତ ପ୍ରସାଦ ବ୍ୟବସ୍ଥା କରିଥିଲେ।ଶାନ୍ତିଶୃଙ୍ଖଳା ସହ ଶୀତଳ ଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହୋଇଥିବାରୁ ସମସ୍ତଙ୍କ ମଙ୍ଗଳ କାମନା କରି କମିଟି ସଭାପତି ନିଧୁବନ ବିହାରି ପ୍ରସାଦ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବାବା ରାମେଶ୍ୱର-ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ

**ପଦ୍ମପୁର, ୧୨।୬ (ସମିସ):** ପଦ୍ମପୁର ଶ୍ରୀ ଶ୍ରୀ ରାମେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ତଥା ପଦ୍ମପୁର ଶୀତଳ ଷଷ୍ଠୀ ଆଜି ସମ୍ପନ୍ନ ହୋଇଛି। ମାତା ପାର୍ବତୀ ରାମେଶ୍ୱର ବାବା ମନ୍ଦିରକୁ ବଧୂ ବେଶରେ ପ୍ରସ୍ଥାନ କରିବା ସହିତ ମନ୍ଦିରରେ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ସଂଧ୍ୟାରେ ରାମେଶ୍ୱର ବାବା ମନ୍ଦିରରେ ମହାଆଳତୀ ପରେ ଦେବ ଦମ୍ପତିଙ୍କ ଯୁଗଳ ବେଶରେ ନଗର ପରିକ୍ରମା କରିଥିଲେ। ହୁଳହୁଳି, ହରିବୋଲ, ଘଣ୍ଟ ଶଙ୍ଖ ନାଦ ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଆସି ଥିବା କଳାକାରଙ୍କ ଲୋକବାଦ୍ୟ, ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଦେବ ଦମ୍ପତିଙ୍କ ନଗର ପରିକ୍ରମାରେ ଦୁଲଦୁଲି, ସମ୍ପ୍ରଦା, ଘୁମୁରା, କଲଙ୍ଗି, ଓଡ଼ିଶୀ, ଧମାଲବାଜା, ସଂକୀର୍ତ୍ତନ, ସବରନାଚ ସହିତ କିନ୍ନରଙ୍କ ନୃତ୍ୟ ଓ ଅଘୋରୀ ନୃତ୍ୟ ଦଳ ମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତା ସେଠ, ଆଶିଷ ବଂଶଲ, ଭଜନ ଅଗ୍ରୱାଲ, ମହେଶ ବେହେରା, ଆକାଶ ଅଗ୍ରୱାଲ, ଉପଦେଷ୍ଟା ବେଣୁମାଧବ ଦୋରା, ଅଜିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ପଡ଼ିଆରେ ମୀନାବଜାର ସହିତ ବିଭିନ୍ନ ପ୍ରକାର ଦୋଳି ଓ ଖାଦ୍ୟ ପସରାର ମେଳା ଲାଗିଛି।



# ଶକ୍ତି ମହାରୁଦ୍ର ଯଜ୍ଞ ଉଦ୍‌ଯାପିତ



**ବରପାଲି, ୧୨।୬ (ସମିସ) :** ବରପାଲି ୧୪୭ତମ ଶୀତଳଷଷ୍ଠୀ ଯାତ୍ରା ପକ୍ଷରୁ ଆୟୋଜିତ ଶକ୍ତି ମହାରୁଦ୍ର ଯଜ୍ଞ ନୀତିକାନ୍ତି ପରମ୍ପରା ଅନୁସାରେ ସମାପନ ହୋଇଯାଇଛି। ଯାତ୍ରା କମିଟି ପୁରୋଧା ରାଜପରିବାରର ଜମିଦାର ଲାଲ ବିକ୍ରମ ସିଂଦେଓ ଓ ପ୍ରଶାନ୍ତ ସିଂଙ୍କ ସମେତ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ ଓ କର୍ମକର୍ତ୍ତାମାନେ ନବରତ୍ନ ପଣ୍ଡିତ ମଣ୍ଡଳୀଙ୍କ ସହାୟତାରେ ପୂର୍ଣ୍ଣାହୁତି ପର୍ବ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଯଜ୍ଞ ପ୍ରାରମ୍ଭ ଦିନରୁ କ୍ରମାଗତ ଭାବେ ପାଳନୀୟ ସମସ୍ତ ବିଧିବିଧାନ ମଧ୍ୟରେ ପରିଚାଳିତ ହୋଇଥିଲା। ଯାତ୍ରା ପରିଚାଳନାକାରୀ ଓ କମିଟି ପୁରୋଧାମାନେ ଯଜ୍ଞ ଅନୁଷ୍ଠାନ ପ୍ରାରମ୍ଭରୁ ବାବା କପିଳେଶ୍ୱର ଦେବଙ୍କୁ ରୁଦ୍ରଯଜ୍ଞ ଅନୁଷ୍ଠାନ ସଫଳ କାର୍ଯ୍ୟକ୍ଷମ ନିମନ୍ତେ ପୂଜାର୍ଚ୍ଚନା ମାଧ୍ୟମରେ ଆଜ୍ଞା ମାଗିଥିଲେ। ପରେ ମନ୍ଦିର ପୂଜକମାନଙ୍କ ସହାୟତାରେ କପିଳେଶ୍ୱର ମନ୍ଦିରରୁ ନାଗ ଦେବତା ଓ ଆଜ୍ଞାମାଳ ନେଇ ଶୋଭାଯାତ୍ରା ଦଳ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ପୂର୍ବରୁ ସୁସଜ୍ଜିତ ହୋଇ ପ୍ରସ୍ତୁତ ଥିବା ଯଜ୍ଞ ମଣ୍ଡପରେ ନାଗ ଦେବତାଙ୍କୁ ସ୍ଥାପନ କଲାପରେ ହୋମଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତମାନେ ସପ୍ତଚଣ୍ଡି ଶ୍ଳୋକ ପାଠ ସହିତ ରୁଦ୍ରଷ୍ଟାଧ୍ୟାୟୀ ଘୃତ ଆହୁତି ହୋମକୁଣ୍ଡରେ ପ୍ରଦାନ କରିଥିଲେ।

# ସରିଲା ତାରାକାସୁର ଦରବାର

**ପଦ୍ମପୁର, ୧୨।୬ (ସମିସ):** ପଦ୍ମପୁର ରାମେଶ୍ୱର ବାବା ଶୀତଳ ଷଷ୍ଠୀ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା ତାରକାସୁର ଦରବାର ସୋମବାର ବିଳମ୍ବିତ ରାତିରେ ସମାପନ ହୋଇଛି। ଏଥିରେ ପଦ୍ମପୁର ବସ ମାଲିକ ସଂଘର ସଭାପତି ମନୋରଞ୍ଜନ ସିଂ ବରିହା, ସମ୍ପାଦକ ସମିଉଲାଲ ହୁସେନ, ମୁସଲିମ କମିଟି ସଭାପତି ନଜିମୁଲ୍ଲ ହୁଦା ରାଜ ଅତିଥି ହୋଇଥିବା ବେଳେ ତାରକାସୁରଙ୍କ ନିର୍ଦ୍ଦେଶ କ୍ରମେ ଅତିଥି ମନୋରଞ୍ଜନ ସିଂବରିହା ନାଟ୍ୟକାର କେଶ ରଞ୍ଜନ ପ୍ରଧାନ, ଅଶୋକ ବହିଦାର, ରାଜେନ୍ଦ୍ର ମହାନ୍ତି, ସଂଗିତକାର ରମେଶ ଗୁର୍ଲା, ଡକ୍ଟର ଭକ୍ତପୂରନ ସାହୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତାନନ୍ଦ ସେଠ, ବେଣୁମାଧବ ଦୋରା, ତୋସବନ୍ତ ଭୋଇ, ଅଜିତ ପାତ୍ର, ଆଶିଷ ବଂଶଲ ପ୍ରମୁଖ ଉପସ୍ଥିତ ଥିଲେ।



# ହିମାଦ୍ରିନଗରରୁ ମା' ପାର୍ବତୀଙ୍କ ବିଦାୟ





**ବରପାଲି, ୧୨।୬ (ସମିସ):** ବରପାଲି ୧୪୭ତମ ଶୀତଳଷଷ୍ଠୀ ଶିବବିବାହ ମହୋତ୍ସବ ଅବସରରେ କନ୍ୟାପକ୍ଷର ଝିଅ ବିଦାକି ଓ ମାତା ପାର୍ବତୀଙ୍କ ଶଶୁରାଳୟ ଗମନ ହୋଇଯାଇଛି। କନ୍ୟାପକ୍ଷଙ୍କ ପକ୍ଷରୁ ଝିଅ ବିଦାକି ଶୋଭାଯାତ୍ରା ହିମାଦ୍ରୀ ନଗରରୁ ବାହାରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଜାଗଜା ମଧ୍ୟରେ ନଗର ପରିକ୍ରମା କରିଥିଲା। ସହର ପରିକ୍ରମା ସହ ଶୋଭାଯାତ୍ରା ରାତ୍ର ସମୟରେ ଭଣ୍ଡାର ଗୃହ ସମ୍ମୁଖରେ ପହଞ୍ଚିଥିଲା। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ଦେବ ଦମ୍ପତିଙ୍କୁ ସ୍ୱାଗତ ଜଣାଇବା ସହିତ ପୂଜାର୍ଚ୍ଚନା ଓ ସହସ୍ରାଧିକ କର୍ପୁର ଆଳତି ଅର୍ପଣ କରାଯାଇଥିଲା। କନ୍ୟା ବିଦାକିରେ ଆସିଥିବା କନ୍ୟାପକ୍ଷ ଭଦ୍ରମଣ୍ଡଳୀ ଓ ଅତିଥିମାନଙ୍କୁ ସମ୍ମାନର ସହ ଅଭ୍ୟର୍ଥନା କରାଯାଇଥିଲା। ପରେ ବିଳମ୍ବିତ ରାତ୍ରରେ ଭଣ୍ଡାର ଗୃହ ରାଜଭାଟି ସମ୍ମୁଖରୁ ଶିବଶକ୍ତି ଯୁଗଳମୂର୍ତ୍ତି ଓ ପାର୍ଶ୍ୱଦେବତା ମାନଙ୍କୁ ନେଇ ଏହି ଶୋଭାଯାତ୍ରା ନଗର ପରିକ୍ରମାରେ ବାହାରିଥିଲା। ଶୋଭାଯାତ୍ରାଟି କଂସାରିପଡ଼ା, ତେଲିପଡ଼ା, କୁଷ୍ଟାପଡ଼ା, ମଧପଡ଼ା, ଛିପିପଡ଼ା, ଗୁଡ଼ିଆପଡ଼ା, ଅଶୋକକ୍ଲବ, ହାଟପଦା, ଜବହାର କ୍ଲବ, ଡାକ୍ତରଖାନା ଛକ ବାଟଦେଇ ଗଙ୍ଗାଧର କଲ୍ୟାଣ ମଣ୍ଡପ ସମ୍ମୁଖରେ ପହଞ୍ଚିଥିଲା। ପରେ ପରଭା ବୋହୁଥିବା ଅଗାଡ଼ି ମାନେ ଦେବ ପରଭାମାନଙ୍କୁ କାନ୍ଧରୁ ଅବତରଣ କରିଥିଲେ। ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତ ଦୂରଦୂରାନ୍ତରୁ ପହଞ୍ଚିଥିଲେ। ସହରର ମୁଖ୍ୟରାସ୍ତା ଏକ ଜନସମୁଦ୍ରରେ ପରିଣତ ହୋଇଥିଲା। ଭକ୍ତମାନେ ରାସ୍ତାର ଉଚ୍ଚ ସ୍ଥାନ ତଥା ରାସ୍ତା କଡ଼ରେ ଦେବଦେବୀଙ୍କ ଦର୍ଶନାର୍ଥେ ବହୁ ସମୟ ଅପେକ୍ଷାରେ ରହି ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ଭିନ୍ନଭିନ୍ନ ନୃତ୍ୟ, ସଙ୍ଗୀତ, କିନ୍ନରମାନଙ୍କ ଲୋକକଳା, ଲୋକନୃତ୍ୟ, ଆତସବାଜି ସହିତ ସାଂସ୍କୃତିକ ଦଳଙ୍କୁ ସାମିଲ କରାଯାଇଥିଲା।

# ଦେଶୀ ଓ ବିଦେଶୀ ମଦକୋଠି ବନ୍ଦ କରିବାକୁ ଦାବି

**ଥୁଆମୂଳ ରାମପୁର, ୧୨।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବରେ ଚାଲିଥିବା ଦେଶୀ ବିଦେଶୀ ମଦ ଦୋକାନ ଏବଂ କୋଠି ଗୁଡିକୁ ବନ୍ଦ କରିବା ନେଇ ବହୁଜନ ସମାଜ ପାର୍ଟି ପକ୍ଷରୁ ବୁଧବାର ଥୁଆମୂଳ ରାମପୁର ଥାନା ଏବଂ ଅବକାରୀ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦଳର ସଭାପତି ସୋମନାଥ ନାଏକଙ୍କ ନେତୃତ୍ୱରେ ପ୍ରମୁଖ କର୍ମୀ ମିଳିତ ଭାବରେ ଥାନା ଅଧିକାରୀ କୈବଲ୍ୟ ସେଠଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସ୍ଥାନୀୟ ଅବକାରୀ ଥାନାରେ ମଧ ଏଭଳି ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏକ ଆଦିବାସୀ ଅଧ୍ୟୁଷିତ ଗରିବ ଅଞ୍ଚଳ ଭାବରେ ପରିଚିତ ବ୍ଲକର ପ୍ରତ୍ୟେକ ଗ୍ରାମରେ ଦୁଇରୁ ତିନିଟି ଲେଖାଏ ଦେଶୀ ଓ ବିଦେଶୀ ମଦ ଦୋକାନ ଚାଲିଛି। ପ୍ରତିଦିନ ଦେଶୀ ଭାଟି ଓ ବିଦେଶୀ ମଦ ଦୋକାନ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଚୋରାରେ ମଦ ଚାଲାଣ କରୁଛନ୍ତି। ଏମିତି କି ବିଭିନ୍ନ ଜାନିଯାତ୍ରା ତଥା ପର୍ବପର୍ବାଣୀରେ ଭାଟିର କର୍ମଚାରୀମାନେ ଖୁଲୁମଖୁଲା ମଦ ବିକ୍ରୟ କରୁଥିବା ପ୍ରାୟ ଦେଖିବାକୁ ମିଳିଥାଏ।



ଯାହାଫଳରେ ଗରିବ ଶ୍ରେଣୀ ଲୋକମାନେ ଘରରୁ ଧାନ, ଚାଉଳ ବିକ୍ରି କରି ମଦ ପିଉଛନ୍ତି। ଏହାଯୋଗୁଁ ପରିବାର ଭିତରେ ଅଶାନ୍ତି ବଢ଼ିବା ଦ୍ୱାରା ପରିବାର ଉଜୁଡି ଯାଉଛି। ଏହା ସହିତ ଅଞ୍ଚଳରେ ଅପ୍ରୀତିକର ବାତାବରଣ ସୃଷ୍ଟି ହେବା ସହ ଲୋକମାନେ ଗରିବରୁ ଅତି ଗରିବ ଆଡକୁ ଗତି କରୁଛନ୍ତି। ଏଣୁ ଏହାର ତୁରନ୍ତ ସମାଧାନ ନିମନ୍ତେ ସମସ୍ତ କୋଠୀମାନଙ୍କୁ ୭ ଦିନ ମଧ୍ୟରେ ବନ୍ଦ କରାଯିବାକୁ ଦାବି କରିଛନ୍ତି। ନଚେତ୍ ଦଳ ପକ୍ଷରୁ ଆଗାମୀ ଦିନରେ ଥାନା ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ସଇଁତଳାରେ ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



**ସଇଁତଳା, ୧୨।୬(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ନବୀନ ଛକ ଠାରେ ନୂତନ ଏସବିଆଇ ଶାଖା ଉଦ୍‌ଘାଟିତ ହୋଇଛି। ଏସ୍‌ବିଆଇ ବିଏମ୍ ପ୍ରଫୁଲ ଭଇଷାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଏସବିଆଇର ରିଜିଓନାଲ ମ୍ୟାନେଜର କୋଲା ବାଲାଜୀ ଯୋଗଦେଇ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗିର ଜିଲ୍ଲା ଏସ୍‌ବିଆଇ ଶାଖା ର ମୁଖ୍ୟ ମ୍ୟାନେଜର ଅଶୋକ ମିଶ୍ରଙ୍କ ସମେତ ବ୍ୟାଙ୍କ କର୍ମଚାରୀ, ବ୍ଲକର ସମସ୍ତ ସରପଞ୍ଚ, ସମିତି, ପାଙ୍କ୍ସ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ନିଷ୍ଠା ପ୍ରତିଷ୍ଠା ଦିବସ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା

**ବରଗଡ଼, ୧୨। ୬(ସମିସ):** ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ୧୫ତମ ପ୍ରତିଷ୍ଠା ଦିବସ ଜୁନ ୧୪ତାରିଖରେ ନିଷ୍ଠା



ଭବନ ଆନ୍ଦ୍ର କେମ୍ପ, ଖଣ୍ଡହଥା ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତ୍ୟେକ ବର୍ଷ ଏକ ରକ୍ତ ଦାନ ସଚେତନତା ବାଇକ ରେଲିର ଆୟୋଜନ ହୋଇଥାଏ। ଏହି ବର୍ଷ ବରଗଡ଼ କୃଷକ ବଜାରରୁ ନିଷ୍ଠା ପରିବାରର ଶହ ଶହ ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ଏକ ବିରାଟ ବାଇକ ରେଲି ବରଗଡ଼ ସହର ପରିକ୍ରମା କରିଥିଲା। ଏହି ବାଇକ ରେଲିକୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିରୁପମା ଷଡ଼ଙ୍ଗୀ, ଜନ୍ମେଜୟ ସାମଲ ଓ ଜ୍ଞାନ ପ୍ରକାଶ କର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିଷ୍ଠା ପରିବାର ପକ୍ଷରୁ କରାଯାଉଥିବା ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ରକ୍ତ ଭଣ୍ଡାର ମାନଙ୍କରେ ରକ୍ତର ଅଭାବ ଥିବାରୁ ଯୁବପିଢ଼ି ସଚେତନ ହୋଇ ଆଗକୁ ଆସି ରକ୍ତଦାନ କରିବା ପାଇଁ ଏହି ବାଇକ ରେଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ନିଷ୍ଠା ପରିବାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ୍ର ସାହୁ, ମଦନ ମୋହନ ଦାଶ, ବିଦ୍ୟାଧର ଭୋଇ, ଜୟନ୍ତ ପ୍ରଧାନ, ସଚି ପଣ୍ଡା, ଜିତୁ ମହାପାତ୍ର, ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ସଙ୍କେତ ଆଠଘରା, ମହିଳା ଶାଖାର ମୁଖ୍ୟ ତ୍ରିପୁରା ସୁହୁଳା ପ୍ରମୁଖ ସହଯୋଗ କରିଥିଲେ।

### କବି ଖଗେଶ୍ୱର ଜୟନ୍ତୀ ସମାରୋହ

# ପାଠ୍ୟ ପୁସ୍ତକରେ ଖଗେଶ୍ୱର ସାହିତ୍ୟ ସ୍ଥାନ ପାଉ

**ବରଗଡ଼, ୧୨।୬(ସମିସ)**

ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠଙ୍କ ରଚନାବଳୀ ଅନନ୍ୟା, ଅନୁପମ। ଉଭୟ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ରଚିତ ତାଙ୍କ ସାହିତ୍ୟ ବହୁ ଉଚ୍ଚାଙ୍ଗ। ଅନ୍ୟାୟ, ଅନିତୀ ବିରୁଦ୍ଧରେ ସେ ତୀବ୍ର ସମାଲୋଚନା କରୁଥିବାରୁ ତାଙ୍କୁ ଯାଯାବର ଜୀବନ ଅତିବାହିତ କରିବାକୁ ପଡ଼ିଥିଲା। ଚାରି ଭାଗରେ ବିଭକ୍ତ ତାଙ୍କର ରଚନା ନିକଟ ଅତୀତରେ ଗ୍ରନ୍ଥାବଳୀ ରୂପେ ପ୍ରକାଶିତ ହେଉଥିଲେ ସୁଦ୍ଧା କିଛି ସୃଷ୍ଟି ଅପ୍ରକାଶିତ ହୋଇ ରହିଯାଇଛି। ସୁତରାଂ ଖଗେଶ୍ୱର ସାହିତ୍ୟକୁ ପାଠ୍ୟ ପୁସ୍ତକରେ ସ୍ଥାନୀତ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପଦକ୍ଷେପ ନେବା ଉଚିତ ବୋଲି ବରଗଡ଼ ଜିଲ୍ଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଆୟୋଜିତ ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠ ଜୟନ୍ତୀ ସମାରୋହରେ ଅତିଥିଗଣ ମତପ୍ରକାଶ କରିଛନ୍ତି। ବିଜେପୁର ଏସଏଚଜି ଭବନ ଠାରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସମାରୋହକୁ ସାହିତ୍ୟକ ଡକ୍ଟର ସୁବାଷ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ନାଟ୍ୟକାର ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ସାରସ୍ୱତ ସମାରୋହରେ କଳାପାଣି ଜିଏମ କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖଗେଶ୍ୱର ସାହିତ୍ୟର ଗରିମା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଉତ୍ତର ବିଶ୍ୱବିଦ୍ୟାଳୟ ବାରିପଦାର ପ୍ରଫେସର ଡକ୍ଟର ବବ୍ରୁବାହନ ମହାପାତ୍ରଙ୍କୁ ଚଳିତ ବର୍ଷର ଖଗେଶ୍ୱର ସାହିତ୍ୟ ସମ୍ମାନ -୨୦୨୪ରେ ସମ୍ମାନିତ କରାଯାଇଥିଲା। ଗୀତିକାର ମକରଧ୍ୱଜ ସାହୁ. ମାନପତ୍ର ପଠନ କରିଥିଲେ। କ୍ରାନ୍ତି କଣ୍ଠଶିଳ୍ପୀ ଅଜିତ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ, ଉପସଭାପତି ଦିଲ୍ଲୀପ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ପ୍ରକାଶିତ ବାର୍ଷିକ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହକେଲର ଦ୍ୱିତୀୟ ସଂଖ୍ୟାକୁ ଅତିଥିଗଣ ଲୋକାର୍ପଣ କରିଥିଲେ। ସାରସ୍ୱତ ସମାରୋହକୁ ସମ୍ପାଦକ ରାଜେଶ୍ୱର ବେହେରା ସଂଯୋଜନା କରିଥିଲେ। ଦୁର୍ବାଦଳ ମେହେର ଓ ସୁଷମା ଭୋଇ ଉଦଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ସହ ସମ୍ପାଦକ ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ସ୍ଥାନୀୟ କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ଡକ୍ଟର ଚିନ୍ମୟ ସାହୁ, କ୍ରାନ୍ତିକବି ହରିଲାଲ ସାହୁ, ରେଡିଏନ୍ସ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅଜିତ କୁମାର ମେହେର, ଗାଳ୍ପିକ ନରେନ୍ଦ୍ର ମହାନ୍ତି, କଥାକାର ତେଜରୁ ବାରିକ, ରାମ ପ୍ରସାଦ ବାଗ, ଅଧିକାରୀ ସା, ସୁରେଶ ସାହୁ, ଅଶ୍ୱିନୀ ସାହୁ, ଦିଲେଶ ମେହେର, ସାବିତ୍ରୀ ମେହେର, ଯୁବରାଜ ଦୀପ, ଗୌରାଙ୍ଗ ପାଣ୍ଡେ, କବି ଦେବାଶିଷ ମେହେର, ଅହଲ୍ୟା ପଧାନ, ଉମେଶ ପଧାନ ପ୍ରମୁଖ ବହୁ କବି, ସାହିତ୍ୟକ ଯୋଗଦେଇ କବିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଅଚେତ ଅବସ୍ଥାରେ ମହିଳା ଉଦ୍ଧାର

**ଝାରସୁଗୁଡ଼ା, ୧୨।୬(ସମିସ):** ବେଲପାହାଡ଼ ଗୁମାଡେରା ଠାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଭିକ୍ଷା ବୃତ୍ତି କରୁଥିବା ଜଣେ ମହିଳା ଅଚେତ ହୋଇପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କିଛିଦିନ ହେବ ବେଲପାହାଡ଼ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି। ବୁଧବାର ଅପରାହ୍ନରେ ବେଲପୋହଡ଼ ଗୁମାଡେରାରେ ଭିକ୍ଷା ବୃର୍ତ୍ତି କରିଥିବା ଜଣେ ମହିଳା ଅଚେତ ହୋଇପଡ଼ିଥିଲେ। ମହିଳାଜଣକ ଅଂଶୁଘାତରେ ଅଚେତ ହୋଇଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

**ଝାରସୁଗୁଡ଼ା, ୧୨।୬ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଦିଗାମ୍ବର ପୃଷ୍ଟିଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ କାର୍ଯ୍ୟକ୍ରମ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଳତ (ଜନ ଉପଯୋଗୀ ସେବା)ର ଅଧକ୍ଷ ଶ୍ରୀ ଅଶ୍ୱିନୀ କୁମାର ନାୟକ, ପ୍ରାଧିକରଣର ଭାରପ୍ରାପ୍ତ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ଦିବ୍ୟସଚି ବେହେରା, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଆଶିଷ କୁମାର ପଣ୍ଡା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ଯୋଗଦେଇଥିଲେ।

### ଅବହେଳିତ ବିକ୍ରମଖୋଲ ଗୁମ୍ଫା

# ଲୁପ୍ତ ପାଇବ ପ୍ରାଚୀନ ଶିଳାଲିପି

**ଝାରସୁଗୁଡ଼ା, ୧୨।୬(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଉପକଣ୍ଠ ବିକ୍ରମ ଖୋଲ ଗୁମ୍ଫାକୁ ଦେଖିବା ଓ ଏହାର ଶିଳାଲିପିକୁ ଅନୁଧାନ କରିବାକୁ ଦେଶ ବିଦେଶରୁ ଅନେକ ଗବେଷକ, ଇତିହାସକାର ଓ ଛାତ୍ରମାନେ ଧାଇଁ ଆସୁଛନ୍ତି। କିନ୍ତୁ ଦିନକୁ ଦିନ ଏହି ଶିଳାଲିପି ଲିଭିବାରେ ଲାଗିଛି। ଏହା ସହିତ ଏବେ ଏହି ଐତିହ ସମ୍ପର୍ଣ୍ଣ କାର୍ତ୍ତିରାଜି ଉପରେ ଏବେ କଳାବାଦଲ ମାଡ଼ି ଆସୁଛି। ସରକାରୀ ଉଦାସୀନତା ଓ ଆନ୍ତରିକତାର ଅଭାବ ଫଳରେ ଅବହେଳାର ଶିକାର ହୋଇଛି ଐତିହାସିକ ପୀଠ ବିକ୍ରମଖୋଲ। ଲଖନପୁର ବ୍ଲକ ଗ୍ରୀନଡୋଲା ନିକଟରେ ଥିବା ଏହି ବିକ୍ରମ ଖୋଲ ଐତିହାସିକସ୍ଥଳୀ। ଏହା ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ଅନ୍ୟତମ। ଏଠାରେ ପ୍ରାଚୀନ ବ୍ରାହ୍ମୀଲିପି ଖୋଦିତ ପ୍ରସ୍ତର ଗୁମ୍ଫା ଦେଖିବାକୁ ମିଳେ। ଏଠାକାର ପ୍ରାକ୍-ଐତିହାସିକ ଶିଳାଲେଖ ଖ୍ରୀଷ୍ଟପୂର୍ବ ୩ ହଜାର ମସିହାର ବୋଲି କୁହାଯାଏ। ବିକ୍ରମଖୋଲସ୍ଥିତ ପ୍ରସ୍ତର ଆସ୍ଥାନ ଯେଉଁ ସ୍ଥାନରେ ଶିଳାଲେଖ ଅବିଷ୍କୃତ ହେଇଥିଲା ତାହା ଖ୍ରୀଷ୍ଟ ପୂର୍ବ ୩୦୦୦ରୁ ଖ୍ରୀଷ୍ଟପୂର୍ବ ୪୦୦୦ ମସିହା ସମୟର ବୋଲି ବହୁ ଐତିହାସିକ ମତ ଦେଇଛନ୍ତି। ଏଠାରେ ଥିବା ଗୁମ୍ଫାରେ ହଜାରହଜାର ବର୍ଷ ପୂର୍ବେ ଆଦିମାନବ ବସବାସ କରୁଥିଲେ ବୋଲି ବିଶ୍ୱାସ କରାଯାଏ। ଏବେ ବିକ୍ରମଖୋଲ ନିକଟରେ ବିଭିନ୍ନ ଘରୋଇ ସଂସ୍ଥାକୁ କୋଇଲା ଖଣି ବ୍ଲକ ଦିଆଯାଉଥିବାରୁ ଆଗାମୀ ଦିନରେ ଏହି ଅଞ୍ଚରେ ବିଭିନ୍ନ ଶିଳ୍ପ ସଂସ୍ଥାମାନେ ଶିଳ୍ପ ସ୍ଥାପନ କରିବେ। ଫଳରେ








ବିକ୍ରମ ଖୋଲ ଉପରେ ଏକ ପ୍ରକାର ବିପଦ ମାଡ଼ି ଆସୁଛି। କିଛି ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିକ୍ରମଖୋଲକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଥିବା ବେଳେ ବର୍ଷତମାମ ପର୍ଯ୍ୟଟକ, ଗବେଷକ ତଥା ପ୍ରକୃତିପ୍ରେମୀଙ୍କୁ ଏହା ଆକୃଷ୍ଟ କରିଥାଏ। ମାତ୍ର ଗମନାଗମନ ବ୍ୟବସ୍ଥା, ପାରିପାର୍ଶ୍ୱିକ ଉନ୍ନତି ଓ ପ୍ରଚାରପ୍ରସାର ଅଭାବରୁ ଆଜି ପର୍ଯ୍ୟନ୍ତ ଏହା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବିକ୍ରମଖୋଲରେ ୧୧୫ ଫୁଟ ଦୈର୍ଘ୍ୟ ଓ ୨୭.୭ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପ୍ରାଚୀନ ଗୁମ୍ଫା ରହିଛି। ଗୁମ୍ଫାରେ ଅନେକ ପ୍ରାଚୀନ ଶିଳାଲିପି ରହିଛି, ଯାହାକୁ ଆଜି ପର୍ଯ୍ୟନ୍ତ କେହି ପଢ଼ି ବୁଝିବାକୁ ସକ୍ଷମ ହୋଇପାରିନାହାନ୍ତି। କିଛି ଐତିହାସିକ ଏହାକୁ ମହେଞ୍ଜୋଦାରୋ ସମୟର ବୋଲି କହିଥାନ୍ତି। ଅତୀତରେ କିଛି ଗବେଷକ, ଐତିହାସିକ ଗୁମ୍ଫା ଅନୁଧାନ କରି ଶିଳାଲିପି ଉପରେ ବିଭିନ୍ନ ପ୍ରକାର ତଥ୍ୟ ଉପସ୍ଥାପନ କରିଛନ୍ତି। ଲିପି ଖୋଦିତ ପଥରଟିର ଦୈର୍ଘ୍ୟ ୩୭ ମିଟର, ପ୍ରସ୍ଥ ୫.୭୫ ମିଟର ଓ ଉଚ୍ଚତା ୮ ମିଟର। ସ୍ୱାମୀ ଜ୍ଞାନନନ୍ଦ ନାମକ ଜଣେ ସାଧୁ ଏହି ଖୋଦିତ ଲିପି ଆବିଷ୍କାର କରିଥିଲେ ବୋଲି କୁହାଯାଏ। ପ୍ରାଚୀନ ମହେଞ୍ଜୋଦାରୋ ସଭ୍ୟତାରେ ବ୍ୟବହୃତ ହେଉଥିବା ଲିପି ସହ ଏହାର ସାମଞ୍ଜସ୍ୟ ଥିବା ପ୍ରତ୍ନତାତ୍ୱିକ ଖନନ ଓ ଗବେଷଣାରୁ ଜଣାଯାଏ। ଲିପି ବ୍ୟତୀତ କେତେକ ପଶୁପକ୍ଷୀଙ୍କ ଚିତ୍ର ମଧ୍ୟ ଶିଳାରେ ଦେଖାଯାଏ। ୧୯୫୮ ମସିହାରେ ଏହି ଗୁମ୍ଫା ଲୋକଲୋଚନକୁ ଆସିଥିଲା। ୧୯୯୫ ମସିହାରେ ଏକ ପ୍ରତ୍ନତତ୍ୱବିତ୍ ଦଳ ସର୍ବେକ୍ଷଣ ପାଇଁ ଗୁମ୍ଫାକୁ ଯାଇଥିଲେ। ସେମାନେ ରାସାୟନିକ ପ୍ରଲେପ ଦେଇ ଶିଳାଲିପିର ସଂରକ୍ଷଣ ପାଇଁ ଉଦ୍ୟମ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହାର ସଂରକ୍ଷଣ ପାଇଁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ କିଛି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଖରା, ବର୍ଷା, ପବନରେ ଗୁମ୍ଫାରେ ଖୋଦିତ ଶିଳାଲିପିଗୁଡ଼ିକ କ୍ଷୟ ହେବାରେ ଲାଗିଛି। ଏହି ଅଞ୍ଚଳ ସରକାରଙ୍କ ସଂରକ୍ଷିତ ଜଙ୍ଗଲରେ ରହିଥିଲେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଗୁମ୍ଫାର ସଂରକ୍ଷଣ ଦିଗରେ ପଦକ୍ଷେପ ନ ନେଲେ କିଛିବର୍ଷ ପରେ ଏହି ପ୍ରାଚୀନ ଶିଳାଲିପି ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ବିକ୍ରମଖୋଲ ରକ୍ଷାଣବେକ୍ଷଣ ଦିଗରେ ସରକାରୀ ଓ ବେସରକାରୀସ୍ତରରେ ଉଦ୍ୟମ ନିତ୍ୟାନ୍ତ ଆବଶ୍ୟକ।

### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

## ସବୁ ବିଭାଗ ସଜାଗ ରହିବାକୁ ପରାମର୍ଶ

**ଦେବଗଡ଼, ୧୨।୬(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଏହି ବୈଠକ ବସିଥିଲା। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏଥିରେ ଅଧକ୍ଷତା କରିଥିଲେ। ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବା ସହ ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରି ରଖିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ଉପସ୍ଥିତ କୃଷି, ଶକ୍ତି, ପଶୁ ସମ୍ପଦ, ମତ୍ସ୍ୟ, ଯୋଗାଣ, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ପୌର ପରିଷଦ, ଜଙ୍ଗଲ, ପଞ୍ଚାୟତ, ଗ୍ରାମ୍ୟ ଉନ୍ନୟନ, ଅଗ୍ନିଶମ ବିଭାଗ ସହ ଓଡ୍ରାଫ ଅଧିକାରୀ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ। କୃଷି ବିଭାଗ ପକ୍ଷରୁ ବିହନ, ସାର ଏବଂ କୀଟନାଶକ ଔଷଧ ଇତ୍ୟାଦି ଗଚ୍ଛିତ ରଖିବା, ଶକ୍ତି ବିଭାଗ ପକ୍ଷରୁ ମରାମତି ନିମନ୍ତେ ଆବଶ୍ୟକ ସରଞ୍ଜାମ ଗଚ୍ଛିତ ଓ ବନ୍ୟା ଅଞ୍ଚଳରେ ଥିବା ସମସ୍ତ ଇଲେକ୍ଟ୍ରିକ ପୋଲ୍‌ଗୁଡ଼ିକୁ ମରାମତି ଓ ମଜଭୁତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବର୍ଷା ଯଥେଷ୍ଟ ପୂର୍ବରୁ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, କିରୋସିନି ଆଦି ଗଚ୍ଛିତ କରିବାକୁ ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗକୁ ପରାମର୍ଶ ଦିଆଯାଇଛି। ବର୍ଷା ପୂର୍ବରୁ ବାକିଥିବା ରାସ୍ତା, କଲଭର୍ଟ ଇତ୍ୟାଦି ସମ୍ପୂର୍ଣ୍ଣ କରିବା ପାଇଁ ରାସ୍ତା ଓ ସୌଧ ବିଭାଗକୁ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାବଶ୍ୟକୀୟ ଔଷଧ, ଓଆର୍‌ଏସ୍ ଏବଂ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଈ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ରିଆମାଳ ବିଡିଓ ଉଗ୍ରସେନ ଓରାମଙ୍କ ସହ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ ସିଂ ଏବଂ ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଭାତ ଲେଙ୍କା ବୈଠକ ପରିଚାଳନା କରିଥିଲେ।



## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ଦେବଗଡ଼, ୧୨।୬(ସମିସ):** ବାରକୋଟ ଥାନା ଅଧୀନ ଅକ୍ଷରଶୀଳା ଗ୍ରାମରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅକ୍ଷରଶିଳା ଗ୍ରାମର ସନାତନ ମୁଣ୍ଡା (୩୫)। ସନାତନ ନିଜ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅକ୍ଷରଶିଳା ଗ୍ରାମ ନିକଟରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ଓ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ବାରକୋଟ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂଙ୍କଟାପନ୍ନ ହେବାରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା; ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଶବ ଜବତ ପୂର୍ବକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପ୍ରତିଶ୍ରୁତି ରଖିଲା ପ୍ରଶାସନ

**ଦେବଗଡ଼, ୧୨।୬(ସମିସ):** ପୂର୍ବ ପ୍ରତିଶ୍ରୁତି ଅନୁସାରେ ୮ ଗାଁର ଲୋକଙ୍କ ଆଗରେ ପ୍ରଶାସନ ପ୍ରତିଶ୍ରୁତି ରଖିଛି। ସେମାନଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରିବାକୁ ସରକାରୀ ବାବୁ ଆଲୋଚନା କରି କଥା ଦେଇଛନ୍ତି। ତିଲେଇବଣି ବ୍ଲକ କଂସର ପଞ୍ଚାୟତ ଖଜୁରୀଖମଣ, ଭଙ୍ଗାମୁଣ୍ଡା, ତୈଳଭାଙ୍ଗୁଣୀ, ଜଗଦଲା, ବିରିଆମ, ଲଇଣ୍ଡା, ହିରନ ଓ ବାଲିଆମ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା କରିଛନ୍ତି।

ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ୮ ଗ୍ରାମର ଗ୍ରାମବାସୀଙ୍କ ସହ ତିଲେଇବଣି ବ୍ଲକର ସମ୍ମିଳନୀ କକ୍ଷରେ ଏକ ବୈଠକ ବସିଥିଲା। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଏଥିରେ ସଭାପତିତ୍ୱରେ କରିଥିଲେ। ଏହି ୮ଟି ଗ୍ରାମର ରାସ୍ତା, ବିଜୁଳି, ଶିକ୍ଷା, ମୋବାଇଲ ସେବା, ପାନୀୟ ଜଳ, ସ୍ୱାସ୍ଥ୍ୟ ତଥା ବିଭିନ୍ନ ମୌଳିକ ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମର ବିଭିନ୍ନ ସମସ୍ୟାଗୁଡିକର ଖୁବଶୀଘ୍ର ସମାଧାନ କରାଯିବ ବୋଲି ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯାଇଛି। ବୈଠକରେ ତିଲେଇବଣି ବିଡିଓ ରଘୁନାଥ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଏସିଏଫ ସ୍ୱାଧୀନତା ସାହାଣୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ରାସ୍ତା, ସ୍ୱାସ୍ଥ୍ୟ, ବିଜୁଳି, ମୋବାଇଲ ଟାୱାର, ସ୍ୱତନ୍ତ୍ର ପଞ୍ଚାୟତର ମାନ୍ୟତା, ଶିକ୍ଷା ବ୍ୟବସ୍ଥା ଓ ପାନୀୟ ଜଳ ସୁବିଧା କରିବା ପାଇଁ ଏହି ୮ ଗାଁର ଲୋକେ ପୂର୍ବରୁ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ସେମାନଙ୍କ ମୌଳିକ ସୁବିଧାଗୁଡିକର ସମାଧାନ କରା ନ ଗଲେ ଏଥର ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏଣୁ ଗତ ମାସ ୨୪ ତାରିଖରେ ଦାବି ପୂରଣ ନିମନ୍ତେ ବିରିଆମ-ଖଜରୁଖମଣ ଛକରେ ରାସ୍ତାରୋକ ସହ ଲୋକେ ଧାରଣାରେ ବସିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀ ସେମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା



### ମୌଳିକ ସମସ୍ୟାର ସମାଧାନ କରିବାକୁ କଥାଦେଲେ ସରକାରୀ ବାବୁ

### ଗ୍ରାମବାସୀଙ୍କ ସହିତ ଆଲୋଚନା କଲେ ପ୍ରଶାସନିକ ଅଧିକାରୀ

ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ସେମାନେ ରାସ୍ତାରୋକ ପ୍ରତ୍ୟାହୃତ କରିଥିଲେ। ଏହାପରେ ବି ତିଲେଇବଣି ବ୍ଲକର ବିରିଆମରେ କରାଯାଇଥିବା ୧୮୫ ନମ୍ବର ବୁଥରେ ବିରିଆମ, ଲଇଣ୍ଡା, ହିରନ ଓ ବାଲିଆମ ଗ୍ରାମର ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ଏହି ୪ ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ବୁଝାସୁଝା କରାଯାଇଥିଲା; କିନ୍ତୁ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଭୋଟ ଦେବେ ନାହିଁ ବୋଲି ଜିଦ ଧରିଥିଲେ। ଅନ୍ୟପଟେ ଖଜୁରୀଖମଣ ଗ୍ରାମରେ ୧୮୬ନମ୍ବର ବୁଥରେ ଖଜୁରୀଖମଣ, ଭଙ୍ଗାମୁଣ୍ଡା, ତୈଳଭାଙ୍ଗୁଣୀ ଓ ଜଗଦଲା ଗ୍ରାମର୨୫୪ଜଣ ଭୋଟରଙ୍କ ମଧ୍ୟରୁ ୧୩୩ଜଣ ଭୋଟର ମତଦାନ କରିଥିଲେ।

# ଝାରସୁଗୁଡ଼ାରେ ହ୍ରାସ ପାଉଛି ସବୁଜ ହୀରା ଉତ୍ପାଦନ

**ଝାରସୁଗୁଡ଼ା, ୧୨।୬(ସମିସ)**

ଝାରସୁଗୁଡ଼ା ଜିଲ୍ଲାରେ କଳାହୀରା (କୋଇଲା) ଉତ୍ପାଦନ ବହୁଗୁଣିତ ହୋଇଥିବାବେଳେ ଦିନକୁ ଦିନ ସବୁଜ ହୀରା (କେନ୍ଦୁପତ୍ର) ହ୍ରାସ ପାଇବାରେ ଲାଗିଛି। ଝାରସୁଗୁଡ଼ା ଜିଲ୍ଲାର କେନ୍ଦୁପତ୍ର ତିରିଶ ବର୍ଷ ତଳେ ଚାହିଦା ବେଶ ରହିଥିବାବେଳେ ଶିଳ୍ପାୟନ ପ୍ରଭାବରେ କେନ୍ଦୁପତ୍ର ଆଗାମୀ ଦିନରେ ବନ୍ଦ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଝାରସୁଗୁଡ଼ା ବନଖଣ୍ଡ କେନ୍ଦୁପତ୍ର କାର୍ଯ୍ୟାଳୟ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ୩ ଓ ସୁନ୍ଦରଗଡ଼ ଜିଲ୍ଲାର ୩ ମୋଟ ୬ଟି ରେଞ୍ଜ ଅଫିସ ରହିଛି। ଝାରସୁଗୁଡ଼ା, ବେଲପାହାଡ଼, କଦମଡିହ ସୁନ୍ଦରଗଡ଼ ଜିଲ୍ଲାର କନିକ, ଦୁଡୁକା ଓ ଗୋପାଳପୁର ରେଞ୍ଜ ଅଫିସ ରହିଛି। ଓଡ଼ିଶା କେନ୍ଦୁପତ୍ର ୧୯୭୩ ମସିହାରେ ପ୍ରତିଷ୍ଠା ହୋଇଥିବାବେଳେ ସେ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ରହିଥିଲେ। ଓଡ଼ିଶାରେ ୧୯ ଟି କେନ୍ଦୁପତ୍ର ଡିଭିଜନ ରହିଥିବା ବେଳେ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅନ୍ୟତମ। ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅଧୀନରେ ହଜାର ହଜାର କେନ୍ଦୁପତ୍ର ତୋଳାଳିକାମ କରୁଥିବା ବେଳେ ଶହଶହ ସିଜିନାଲ କର୍ମଚାରୀ କାମ କରି କିଛି ପଇସା ରୋଜଗାର କରୁଥିବା ବେଳେ ଦିନକୁ ଦିନ ଝାରସୁଗୁଡ଼ା କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି ପ୍ରତିବର୍ଷ ବିଭିନ୍ନ ଗ୍ରାମର ପୁରୁଷ ଓ ମହିଳା ମାନେ କେନ୍ଦୁପତ୍ର କାମରେ ନିୟୋଜିତ ହୋଇ ଦୁଇ ପଇସା ରୋଜଗାର କରିଥାନ୍ତି। କେନ୍ଦୁପତ୍ର ସିଜନ୍ ବର୍ଷର ମାର୍ଚ୍ଚ ମାସରେ ଗୋଛାକଟା ଏପ୍ରିଲ ମାସରେ ଫଡି ମରାମତି ମେ' ମାସରେ କେନ୍ଦୁପତ୍ର ତୋଳା ଜୁନ୍‌ମାସରୁ କେନ୍ଦୁପତ୍ର ବନ୍ଧେଇ ଅକ୍ଟୋବର ମାସ ପର୍ଯ୍ୟନ୍ତ ହୋଇଥାଏ। କେନ୍ଦୁପତ୍ର ସିଜନ୍‌ରେ କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇଲା ଆଗ ଭଳି କେନ୍ଦୁପତ୍ରରେ ପୁରୁଷ ମହିଳା ଏଥିରୁ ରୋଜଗାର ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତବର୍ଷ ଫେବୃଆରୀ ମାସ ୨୦ ତାରିଖରୁ କେନ୍ଦୁପତ୍ର ଗୋଛାକଟା ଆରମ୍ଭ ହୋଇଥିବା ବେଳେ କିଛି ଦିନ ତଳେ ଝାରସୁଗୁଡ଼ା ଜିଲ୍ଲାରେ ଅଦିନିଆଁ ବର୍ଷା ଯୋଗୁଁ କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇଛି। ବିଭିନ୍ନ



ସିଜିନାଲ କର୍ମଚାରୀ ନିୟୋଜିତ ହେଉଥିବା ବେଳେ ରେଞ୍ଜର ଡେପୁଟି ରେଞ୍ଜର ଫରେଷ୍ଟର ଓ ଫରେଷ୍ଟଗାର୍ଡ ତଦାରଖ କରିଥାନ୍ତି। ବର୍ତ୍ତମାନ ଝାରସୁଗୁଡ଼ା କେନ୍ଦୁପତ୍ର ବନଖଣ୍ଡ ଅଧୀନରେ ତିନି ଶହ ତିନୋଟି ଫଡି ରହିଛି। ଦିନ ଥିଲା ଝାରସୁଗୁଡ଼ା କେନ୍ଦୁପତ୍ର ଚାହିଦା କାହାରି କାହିଁ ଥିଲା। ଦୁଇ ହଜାର ମସିହା ବେଳକୁ ଝାରସୁଗୁଡ଼ା ଜିଲ୍ଲା ରେ ଅନେକେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ଗଛ କାଟିବା ପରିବେଶ ପ୍ରଦୂଷଣ ଅନୁକୂଳ ପାଗ ନ ହେବାରୁ ଜଙ୍ଗଲରୁ ମହୁଲ ଗୋଟାଇବା ପାଇଁ ଲୋକେ ନିଆଁ ଲଗାଇ ଦେଉଥିବାରୁ କେନ୍ଦୁପତ୍ର ନିଆଁ ଯୋଗୁଁ ଜଳି ଯାଉଛି। ଝାରସୁଗୁଡ଼ା କେନ୍ଦୁପତ୍ର ବନଖଣ୍ଡ ଝାରସୁଗୁଡ଼ା ରେଞ୍ଜ ଅଧୀନସ୍ଥ ବାଗଡ଼ିହି ରେଳଷ୍ଟେସନରୁ ଦୀର୍ଘ ବର୍ଷ ରୁ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବାର ଅଭିଯୋଗ ହେଉଛି। ଗତ ତିନି ମାସ ତଳେ ବାଗଡ଼ିହି ରେଳଷ୍ଟେସନରୁ କେନ୍ଦୁପତ୍ର ଚୋରା ଚାଲାଣ ସମୟରେ କୌଣସି ସୂତ୍ରରୁ ଜଙ୍ଗଲ ବିଭାଗର ଅଧିକାରୀ ଖବର ପାଇ କେନ୍ଦୁପତ୍ର ଜବତ ମଧ୍ୟ କରିବାରେ ସକ୍ଷମ ହୋଇଥିଲେ। ପ୍ରତିବର୍ଷ କେନ୍ଦୁପତ୍ର ଉତ୍ପାଦନର ଲାଭରୁ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳୀ ଓ ସିଜନାଲ କର୍ମଚାରୀ ଙ୍କୁ ବୋନୋସ ପଇସା ଦେଇ ଆସୁଛନ୍ତି। କେନ୍ଦୁପତ୍ର ଉତ୍ପାଦନକୁ ସିଜନାଲ କର୍ମଚାରୀ ମୁନସୀ ଚଉରାଶି ଚେକର ବାଇଣ୍ଡିଂ ଚେକର, ସାରକିଲ ଚେକର ହେଡଚେକରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଏମାନଙ୍କ ପାଇଁ କେନ୍ଦୁପତ୍ର ବଞ୍ଚିଛି କହିଲେ ଅତ୍ୟୁକ୍ତି ହେବନାହିଁ। ୨୦୧୭ ମସିହାରେ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନରେ ୧୧୮୦୦.୮୦ କ୍ୱିଣ୍ଟାଲ, ୨୦୧୮ ମସିହାରେ ୮୩୮୦.୮୦ କ୍ୱିଣ୍ଟାଲ, ୨୦୧୯ ମସିହାରେ ୫୯୮୮.୬୦ କୁଣ୍ଟଲ, ୨୦୨୦ ମସିହାରେ ୫୦୮୨.୬୦ କ୍ୱିଣ୍ଟାଲ୨୦୨୧ ମସିହାରେ ୮୦୫୯.୨୦ କ୍ୱିଣ୍ଟାଲ କେନ୍ଦୁପତ୍ର ଉତ୍ପାଦନ ହୋଇଛି। ୨୦୨୨ ଓ ୨୦୨୩ ମସିହାରେ ପାଖାପାଖି ଦଶ ହଜାରକୁଣ୍ଟଲକ୍ଷଧାର୍ଯ୍ୟ ଦେଇଥିବାବେଳେ ୮୬୩୨.୮ କ୍ୱିଣ୍ଟାଲ କେନ୍ଦୁପତ୍ର ଉତ୍ପାଦନ ହୋଇଛି। ବିଗତ ବର୍ଷେରେ ଅଦିନିଆ ବର୍ଷା କରାମାଡ଼ ମେଘୁଆ ପାଗ ଶିଳ୍ପ ପ୍ରତିଷ୍ଠା ପରିବେଶ ପ୍ରଦୂଷଣ ଗଛ କାଟିବା ଯୋଗୁଁ ଝାରସୁଗୁଡ଼ା କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଉଛି। ଆଗାମୀ ଦିନରେ ଏପରି ସ୍ଥିତି ଉପଜେ ତାହା ହେଲେ କେନ୍ଦୁପତ୍ର ଉତ୍ପାଦନ ଆହୁରି ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

**ବ୍ରଜରାଜନଗର, ୧୨।୬(ସମିସ):** ବ୍ରଜରାଜନଗର ନୋମି ଡାନିଏଲ ତରଫରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଛି। ପ୍ରୋଜେକ୍ଟ ଅଫିସର ଦୀପିକା ଏକ୍କା ଓ ଟିସିସି ଅନିତା ରାଣୀ ସୁନାଙ୍କ ନେତୃତ୍ୱରେ ଏହି ରାଲି ବ୍ରଜରାଜନଗର ମୁଖ୍ୟ ବଜାର, ବିଜୁପଟ୍ଟନାୟକ ଛକ ଦେଇ ଶାସ୍ତ୍ରୀନଗର, ତେଲେନପାଲି, ଗଣେଶନଗର, ସାହୁପଡ଼ା ସହ ବ୍ରଜରାଜନଗରର ଅନ୍ୟାନ୍ୟ ଛକ ଦେଇ ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେଜେ ବୋର୍ଡ ସଦସ୍ୟ ସଂଯୁକ୍ତା ମହାପାତ୍ର ଯୋଗଦାନ କରିଥିଲେ।

## ପଶ୍ଚିମ ଓଡ଼ିଶା ଜୀବନରକ୍ଷକ ତାଲିମ କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୧୨।୬(ସମିସ):** ରାସ୍ତାକଡ଼ରେ ଦୁର୍ଘଟଣା ହେଲେ କିଭଳି ଭାବରେ ଗୋଲ୍ଡେନ ପିରିୟଡ ଭିତରେ ବ୍ୟକ୍ତିର ଜୀବନ ରକ୍ଷା କରାଯାଇ ପାରିବ ସେନେଇ ଝାରସୁଗୁଡ଼ା ଓଏସଏପି ପଡ଼ିଆରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପଶ୍ଚିମ ଓଡ଼ିଶା ଜୀବନ ରକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷକ ବବନସିଂହ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ଆରଟିଓ ଦୀନବନ୍ଧୁ ଶୁଣ୍ଠି, ଏମଭିଆଇ ଲୋକନାଥ ମେହେର, ଅତିରିକ୍ତ ଏମଭିଆଇ ଶଳିଲ ସେଠ୍ ଯୋଗ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ୩୦୨ ଜଣ ଏନସିସି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଶ୍ରଦ୍ଧାଳୁଙ୍କ ଶ୍ରଦ୍ଧା ଆଗରେ ଫିକା ପ୍ରଚଣ୍ଡ ତାତି

ରାଜ୍ୟରେ ଭୀଷଣ ତାତି ସହ ଅସହ୍ୟ ଗୁଳୁଗୁଳି ହେଉଛି । ବହୁ ପ୍ରତିକ୍ଷିତ ବିଶ୍ୱ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି । ଆଜି ସମ୍ବଲପୁର ସହରରେ ତାପମାତ୍ରା ୪୧.୮ ଡିଗ୍ରୀ ରହିଥିଲା । ହେଲେ ଏହି ତାପାମାତ୍ର ଆଜି ଭକ୍ତଙ୍କ ଶ୍ରଦ୍ଧା ଆଗରେ ଫିକା ପଡ଼ିଯାଇଛି । ଦେବ ଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବା ପରେ ମନ୍ଦିର ବିଜେ କରିଛନ୍ତି । ବିଶାଳ ଶୋଭାଯାତ୍ରାରେ ଦେବ ଦମ୍ପତିଙ୍କୁ ନଗର ପରିକ୍ରମା କରି ମନ୍ଦିରକୁ ପାଛୋଟି ନିଆଯାଇଛି । ଏହ ବିଶାଳ ଶୋଭାଯାତ୍ରା ଓ ଯୁଗଳ ଦର୍ଶନ କରିବା ପାଇଁ ସମ୍ବଲପୁର ସହରରେ ଆଜି ଜନସମାଗମ ଦେଖା ଦେଇଥିଲା । ପ୍ରଚଣ୍ଡ ଖରା, ତାତି ଅସହ୍ୟ ଗୁଳୁଗୁଳିକୁ ଖାତିର ନ କରି ଭକ୍ତମାନେ ଶୋଭାଯାତ୍ରରେ ସାମିଲ ହୋଇଥିଲେ । ବିଦେଶ ଓ ଦେଶ ବିଭିନ୍ନ ସ୍ଥାନରୁ ଆସୁଥିବା କଳାକାରଙ୍କ ନୃତ୍ୟରେ ଖରାରେ ଝୁମି ମଜା ନେଉଥିଲେ ।

## କଳାକାରଙ୍କ ମହାକୁମ୍ଭ

ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେବା ପାଇଁ କାହିଁ କେତେ ଦୂରରୁ କଳାକାରମାନେ ସମ୍ବଲପୁର ପହଞ୍ଚିଥିଲେ । ଦୁଇଦିନ ହେଲା ପ୍ରାୟ ୧୨ରୁ ୧୫ ହଜାର କଳାକାର ସମାଗମରେ ସହର ଗହଳି ହୋଇ ଯାଇଥିଲା ।। କେତେକ ଯାତ୍ରା କମିଟି ଦେଶ ବାହାରୁ ଶ୍ରୀଲଙ୍କା ଓ ଥାଇଲାଣ୍ଡରୁ କଳାକାର ମଧ୍ୟ ଆଣିଥିଲେ । ଶୋଭାଯାତ୍ରାରେ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ । ଦର୍ଶକମାନେ ମଧ୍ୟ ନାଚଗୀତରେ ମଧ୍ୟ ଝୁମିଥିଲେ । ସମ୍ବଲପୁରୀ ନୃତ୍ୟ, ଅଘୋରୀ, ଡିଜେ, ରେକର୍ଡ ଡ୍ୟାନ୍ସ, ଦୁଲଦୁଲି, ଢୋଲ ନିଶାନ ବାଦ୍ୟରେ କଳାକାରଙ୍କ ସହ ଦର୍ଶକ ତାଳ ଦେଇ ନାଚି ବେଶ ଖୁସିରେ ଉପଭୋଗ କରିଥିଲେ । ଦର୍ଶକଙ୍କ ଚାହିଦା ଦେଖି ମଧ୍ୟ ବିଭିନ୍ନ ସାଂସ୍କୃତିକ ଦଳ ମନଛୁଆଁ ଗୀତ ପରିବେଷଣ କରିଥିଲେ ।

## ଛାତିଥରା ଡିଜେ ସାଙ୍ଗକୁ ମତୁଆଲା ନାଚ

ଶୀତଳଷଷ୍ଠୀ ଯାତ୍ରା ଶୋଭାଯାତ୍ରାରେ ଅନେକ ଯାତ୍ରା କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧି ଡିଜେ ଗୁଡ଼ିକୁ ସ୍ଥାନ ଦିଆଯାଇଥିଲା । ଡିଜେ ଗୁଡ଼ିକ ମଧ୍ୟ ଗତକାଲି ରାତିରେ ଅତ୍ୟାଧୁନିକ ଲାଇଟ ଓ ସାଉଣ୍ଡ ବ୍ୟବହାର କରିଥିଲେ । ଛାତିଥରା ଶବ୍ଦରେ ବିଭିନ୍ନ ଅଞ୍ଚଳ ଦୁଲୁକୁଥିଲା । ବିଶେଷ ଭାବରେ ନନ୍ଦପଡ଼ା ଓ ଠାକୁରପଡ଼ା ଡିଜେ ସାଉଣ୍ଡ ଶୋଭାଯାତ୍ରା ଅଞ୍ଚଳରେ ଜୋରରେ ଶବ୍ଦ କରୁଥିଲା । କିନ୍ତୁ ଛାତିଥରା ଡିଜେ ଆଗରେ ଯୁବପିଢିଙ୍କ ଭିଡ଼ ଲାଗି ରହିଥିଲା । ଜୋର ଶବ୍ଦର ତାଳରେ ତାଳ ମିଶାଇ ମତୁଆଲା ହୋଇ ଯୁବପିଢି ନାଚୁ ଥିଲେ ।

## ଭିଡ଼ ଭିତରେ ମୋବାଇଲ କ୍ୟାମେରା ଉପରମୁହାଁ

କଳାକାରଙ୍କ କଳା ପ୍ରଦର୍ଶନ ଦେଖିବା ପାଇଁ ସମ୍ବଲପୁର ଅଭିମୁଖେ ଦୂରଦୂରାନ୍ତରୁ ଦର୍ଶକଙ୍କ ଭିଡ଼ ସମ୍ବଲପୁରରେ ଜମିଥିଲା । ହେଲେ ଭିଡ଼ ଭିତରେ ଦର୍ଶକଙ୍କ ମୋବାଇଲ ଛତୁ ଫୁଟିଲା ପରି ଉପରୁ ବାହାରିଥିଲା । ସମସ୍ତେ ମୋବାଇଲରେ ଭଡିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆ ପୋଷ୍ଟ କରିବା ଓ ସାଇତି ରଖିବା ପାଇଁ ରେକର୍ଡ଼ କରିବାରେ ବ୍ୟସ୍ତ ଥିଲେ ।

## ବିଦେଶୀ କଳାକାରଙ୍କ ପାରମ୍ପରିକ ନୃତ୍ୟ

ମୁଦିପଡ଼ା ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଦେବ ଦମ୍ପତି ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଛି । ଚଳିତ ବର୍ଷ କମିଟି ପକ୍ଷରୁ ଶ୍ରୀଲଙ୍କା କଳାକାରଙ୍କୁ ଶୋଭାଯାତ୍ରାରେ ସ୍ଥାନ ଦିଆଯାଇଥିଲା । ବିଦେଶରୁ ଆସିଥିବା କଳାକାରମାନେ ନିଜ ଦେଶର ପାରମ୍ପରିକ ବସ୍ତ୍ର ପରିଧାନ କରି ନୃତ୍ୟ ପରିବେଷଣ କରିଥିଲେ । ସେମାନଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ବେଶ ଜମିଥିଲା । ବିଦେଶୀ କଳାକାର ମଧ୍ୟ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ କଳାକାରଙ୍କ ସମାବେଶ ଓ ଲୋକଙ୍କ ଭିଡ଼ ଦେଖି ବେଶ ପ୍ରଫୁଲିତ ଥିବା କହିଛନ୍ତି ।

## ସମ୍ବଲପୁରୀ ଗୀତରେ ଅଣଓଡିଆ କଳାକାରଙ୍କ ନାଚ...

ଲେଲେ ଲେ ବଉଳ.., ରସ ଜାମୁ ଡାଳିରେ ., ରସରକେଲି.., ତୋର ବିନ୍ଧିଆ, ଦୁଲନ ବାନାମୀ, ସମ୍ବଲପୁରୀ ଗୀତରେ ତାଳେ ତାଳେ ଯୁବପିଢି ଝୁମୁଥିଲେ । ସମ୍ବଲପୁରୀ ଗୀତ, ବାଜା, ଦୁଲଦୁଲି, ବ୍ୟାଣ୍ଡ ପାର୍ଟି ମଝିରେ ଯୁବପିଢି ନାଚିବାରେ ବ୍ୟସ୍ତ ଥିଲେ । ସୋସିଆଲ ମିଡିଆରେ ଭାଇରାଲ ଗୀତ ମଧ୍ୟ ଦର୍ଶକଙ୍କ ପାଇଁ ପରିବେଷଣ ହେଉଥିଲା ।

## ଡ୍ୟାନ୍ସ କୁଇନ୍‌ଙ୍କୁ ଦେଖିବା ପାଇଁ ଠେଲାପେଲା

ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରିବା ପାଇଁ ଜିଲ୍ଲ ତଥା ଜିଲ୍ଲା ବାହାର କଳାକାରଙ୍କ ସମାଗମ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଦେଖା ଯାଇଥିଲା । ହେଲେ ଡ୍ୟାନ୍ସ କରୁଥିବା କୁଇନମାନଙ୍କୁ ଦେଖିବା ପାଇଁ ଯୁବକଙ୍କ ଗହଳି ଲାଗିଥିଲା । ମୋବାଇଲରେ ଭିଡିଓ ଉତ୍ତୋଳନ କରି ସାଇତି ରଖିବା ପାଇଁ ସମସ୍ତଙ୍କ ମୋବାଇଲ କ୍ୟାମେରା ଗହଳି ଭିତରେ ଉପରକୁ ଉଠି ରହିଥିଲା । କୁଇନମାନଙ୍କୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଠେଲାପେଲା ପରିସ୍ଥିତ ଉପୁଜିଥିଲା ।

## ଆକାଶମାର୍ଗରୁ ପାଣି ସିଞ୍ଚନ

ଶୋଭାଯାତ୍ରାରେ ଲୋକଙ୍କ ଭିଡ଼ ବହୁତ ବଢ଼ିଯାଇଥିଲା । ଆଜି ପ୍ରବଳ ଗରମ ସତ୍ତ୍ୱେ ଲୋକେ ଦେଖିବା ପାଇଁ ଖରାରେ ଛିଡା ହୋଇଥିଲେ । ଖରାରୁ ଲୋକେ ଟିକେ ଶାନ୍ତି ପାଇବେ ଆଶା ନେଇ ସମ୍ବଲପୁର ଅଗ୍ନିଶମ ବିଭାଗ ଫ୍ଲାଏ ଓଭର ଉପରୁ ପାଣି ସ୍ପ୍ରେ କରୁଥିଲେ । ଛାତ ଉପରୁ ମଧ୍ୟ ଅନେକ ସହୃଦୟ ବ୍ୟକ୍ତି ଜନସମାଗମ ଉପରକୁ ପାଣି ଛିଞ୍ଚି ଥିଲେ ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ, ପାନୀୟ ବଣ୍ଟନ

ଗତକାଲି ରାତି ଓ ଆଜି ଦିନ ତମାମ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ, ପଇବା ପାଣି ବଣ୍ଟନ କରାଯାଇଛି । ସମ୍ବଳ, ସଣ୍ଡେ, ସମଲେଇ ଚାରିଟେବୁଲ ଟ୍ରଷ୍ଟ ଇତ୍ୟାଦି ପକ୍ଷରୁ ଶୀତଳ ପାଣି, ସରବତ ଭକ୍ତଙ୍କୁ ବଣ୍ଟନ କରାଯାଇଛି । ସମଲେଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ମହତ କାର୍ଯ୍ୟକ୍ରମରେ ନିଶିକାନ୍ତ ବିଶ୍ୱାଳ, ଆଲୋକ ମାହାକୁର, କାହ୍ନୁଚରଣ ଷଡ଼ଙ୍ଗୀ, ପ୍ରଦ୍ୟୁତ ପଟ୍ଟନାୟକ, ଆଶିଷ ସାହୁ ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## କଳାକାରଙ୍କ ସହ ସେଲ୍‌ଫି ନେବା କ୍ରେଜ୍

ଜିଲ୍ଲା ତଥା ରାଜ୍ୟ ବାହାରୁ ଅନେକ କଳାକାର ଶୋଭାଯାତ୍ରାରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ । ସେମାନଙ୍କ ସହ ସେଲ୍‌ଫଫି ନେବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା । ବିଶେଷ ଭାବରେ ଅଘୋରୀ, ଆଦିବାସୀ ନୃତ୍ୟଙ୍କ ସହ ସେଲ୍‌ଫି ଦର୍ଶକମାନେ ନେଉଥିଲେ ।

## ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା

ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଶୋଭାଯାତ୍ରାରେ ସାମିଲ ଥିବା କଳାକାରଙ୍କ ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଥିଲା । କଳା ପ୍ରଦର୍ଶନ କରୁଥିବା ଗାଡି ପାଖରେ ୭ରୁ ୮ ଜଣ ଓଏଏସଏଫ କର୍ମଚାରୀଙ୍କ ସହ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଗହଳି ପରିସ୍ଥିତକୁ ଦୂରେଇବା ପାଇଁ ପୁଲିସମାନେ ଲାଗି ପଡ଼ିଥିଲେ । ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା କରାଯାଇଥିଲା ଏହା ସହ.....

# ଭବ୍ୟ ଦିବ୍ୟଗଙ୍ଗା ଦର୍ଶନ କରି ଭକ୍ତ ବିମୋହିତ

ସମ୍ବଲପୁର, ୧୨। ୬(ସମିସ)

ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରା ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ୨୦ ଘଣ୍ଟାର ଶୋଭାଯାତ୍ରାରେ ଭକ୍ତଙ୍କୁ ଦେବ ଦମ୍ପତି ଦର୍ଶନ ଦେଇଥିଲେ । ସନ୍ଧ୍ୟାରେ ନବ ବିବାହିତ ଦେବ ଦମ୍ପତି ମନ୍ଦିର ପ୍ରବେଶ କରିଥିଲେ । ଦୀର୍ଘ ତିନି ଦିନ ହେଲା ଚାଲୁଥିବା ଯାତ୍ରା ସମାପ୍ତ ହୋଇ ଦେବ ଦମ୍ପତି ଗୃହ ପ୍ରବେଶ ବା ମନ୍ଦିର ପ୍ରବେଶ କରିଛନ୍ତି । ୧୦ ତାରିଖ ବିଳମ୍ବିତ ରାତିରେ ମହାଦେବ ବିବାହ ପାଇଁ ମନ୍ଦିରରୁ ବାହାରିଥିଲେ ଯାହା ୧୨ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା । ମହାଦେବ ଓ ମାତା ପାର୍ବତୀଙ୍କ ଆଲୌକିକ ବିବାହ ସରିବା ପରେ ନବ ଦମ୍ପତିଙ୍କ ଯୁଗଳ ଦର୍ଶନ ପାଇଁ ନଗର ପରିକ୍ରମାରେ ବାହାରିଥିଲେ । ୧୨ ତାରିଖ ସକାଳ ୯ଟାରୁ ଦେବ ଦମ୍ପତିଙ୍କ ମହା ଆଳତି ପରେ ପୁଣିଥରେ ନଗର ପରିକ୍ରମା ପାଇଁ ଶୋଭାଯାତ୍ରାରେ ବାହାରିଥିଲେ । ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଏହି ଯୁଗଳ ଦର୍ଶନ ଯିଏ କରେ ସିଏ ଗଙ୍ଗା ଦର୍ଶନର ପୁଣ୍ୟ ପାଇଥାଏ ବୋଲି ବିଶ୍ୱାସ ରହିଛି । ଯୁଗଳ ଦର୍ଶନ କରିବା ପାଇଁ ସହରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ୧୧ ତାରିଖ ବାହାରିଥିବା ସହରର ମୁଦିପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ବଡ଼ବଜାର ଓ ଠାକୁରପଡ଼ା ୫ ପ୍ରମୁଖ ଯାତ୍ରା କମିଟିର ଶୋଭାଯାତ୍ରା ପାଇଁ ସହରରେ ପ୍ରବଳ ଭିଡ଼ ହୋଇଥିଲା । ଏହି ଶୋଭାଯାତ୍ରାରେ ନର, କିନ୍ନର, ଦେବ, ଦାନବ, ସଭିଏଁ ସାମିଲ ହୋଇଥିଲେ । ଶୀତଳଷଷ୍ଠୀ ଯାତ୍ରାରେ ଚଳିତ ବର୍ଷ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ କଳାକାର ଯୋଗ ଦେଇଥିଲେ । ମନଲୋଭା ସାଂସ୍କୃତିକ ଦଳଗୁଡ଼ିକର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଲୋକେ ବିଭୋର ହୋଇ ଯାଇଥିଲେ । ଆକର୍ଷଣୀୟ ରଥ ନାଚରେ ଯୁବ ପିଢ଼ି ଝୁମି ଉଠି ଥିଲେ । ଗୋଟିଏ ପରେ ଗୋଟିଏ ପ୍ରଜ୍ଞାପନ ମେଢ଼ ସହ ଲୋକ କଳାକାର ଓ ସାଂସ୍କୃତିକ ଦଳର ମନରଞ୍ଜନ କାର୍ଯ୍ୟକ୍ରମ ଦେଖି ଲୋକେ ବିମୋହିତ ହୋଇପଡ଼ିଥିଲେ । ଦୀର୍ଘ ଏକ ମାସ ଧରି ଚାଲିଥିବା ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରର ବଡ଼ ପର୍ବ ଶୀତଳ ଷଷ୍ଠୀ ଯାତ୍ରା ଆଜି ସମାପ୍ତ ହୋଇଯାଇଛି । କଳାକାରଙ୍କ ମହାକୁମ୍ଭ କୁହାଯାଉଥିବା ଶୀତଳ ଷଷ୍ଠୀ ପାଇଁ ପୁଣି ଅପେକ୍ଷାରେ ଆଉ ଗୋଟେ ବର୍ଷ ପଡ଼ିବ ।




















